# ସରକାରୀ ପୋଖରୀ ଜବରଦଖଲମୁକ୍ତ ନ ହେଲେ ଧାରଣା

କାକଟପୁର,୧୨।୫(ସମିସ)



ସରକାରୀ ଜମି ଓ ଜଳାଶୟ ସୁରକ୍ଷା ପାଇଁ ସରକାର ଡିଣ୍ଡିମ ପିଟୁଥିବାବେଳେ କାକଟପୁର ତହସିଲ୍ ଅନ୍ତର୍ଗତ ଓଥକା ପଞ୍ଚାୟତରେ ଦେଖିବାକୁ ମିଳିଛି ଏହାର ଓଲଟା ଚିତ୍ର। ଅନନ୍ତପୁର ଗ୍ରାମରେ ଥିବା ସରକାରୀ ପଞ୍ଚାୟତ ପୋଖରୀ ଓ ଜଳାଶୟକୁ ଜଣେ ବ୍ୟକ୍ତି ମାଡ଼ି ବସିଥିବାବେଳେ, ସବୁ ଜାଣିଶୁଣି ତହସିଲ୍ ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି।

ଅନନ୍ତପୁର ଗ୍ରାମର ଖାତା ନଂ-୧୦୪, ପ୍ଲଟ୍ ନଂ-୧୭୨, ୧୭୩ ଓ ୧୭୬ କିସମ ଜଳାଶୟ ଓ ପୋଖରୀ ପ୍ରାୟ ୨ ଏକର ଜମିରୁ ୧ ଏକରରୁ ଅଧିକ ଜମି ସେହି ଗ୍ରାମର ଜଣେ ବ୍ୟକ୍ତି ଜବରଦଖଲ କରି ଧାନଚାଷ କରୁଛନ୍ତି। ତହସିଲ୍ ତରଫରୁ ଡିମାର୍କେସନ (ଜମି ଚିହ୍ନଟ) ସରିଥିଲେ ମଧ ଏପର୍ଯ୍ୟନ୍ତ ଏହାକୁ ଜବରଦଖଲମୁକ୍ତ କରାଯାଇନାହିଁ। ଆଶ୍ଚର୍ଯ୍ୟର ବିଷୟ, ଉକ୍ତ ଜବରଦଖଲକାରୀ ଜଣକ ରାତିଅଧରେ ମେସିନ୍ ଲଗାଇ ସରକାରୀ ଜମିରେ ହୋଇଥିବା ଧାନ ଫସଲକୁ କାଟି ନେଇଥିବାବେଳେ ପ୍ରଶାସନ ଏହାକୁ ଜବତ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ରବିବାର ଅତିରିକ୍ତ ତହସିଲ୍‌ଦାରଙ୍କୁ ଏ ସମ୍ବନ୍ଧରେ ଅବଗତ କରାଯାଇଥିଲା। ଅତିରିକ୍ତ ତହସିଲ୍‌ଦାର ରାଜସ୍ୱ ଅଧିକାରୀଙ୍କୁ ପଠାଇ ତୁରନ୍ତ ତଦନ୍ତ କରିବା ସହ ଆଜି ସୁଦ୍ଧା ତାରବାଡ଼ ଓ ଖୁଣ୍ଟି ପକାଇ ଜମିକୁ ସୁରକ୍ଷିତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ବାସ୍ତବରେ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ପ୍ରଶାସନର ସ୍ୱଚ୍ଛତା ଓ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜବରଦଖଲକାରୀଙ୍କ ସହ ପ୍ରଶାସନର ସଲାସୁତରା ରହିଛି କି ବୋଲି ଗ୍ରାମବାସୀ ସନ୍ଦେହ କରୁଛନ୍ତି। ପ୍ରଶାସନର ଏଭଳି ଟାଳଟୁଳ ନୀତିରେ ଅତିଷ୍ଠ ହୋଇ ଗ୍ରାମବାସୀମାନେ ଗତ ୭ ତାରିଖରେ ପୁରୀ ଜିଲ୍ଲାପାଳଙ୍କୁ ପତ୍ର ମାଧ୍ୟମରେ ଦାବିପତ୍ର ଦେଇଛନ୍ତି। ଆଗାମୀ ୧୫ ଦିନ ମଧ୍ୟରେ ଯଦି ଉକ୍ତ ସରକାରୀ ପ୍ଲଟ୍‌ଗୁଡ଼ିକୁ ଜବରଦଖଲମୁକ୍ତ କରା ନ ଯାଏ, ତେବେ ଆସନ୍ତା ୨୨ ତାରିଖରେ ଶତାଧିକ ଗ୍ରାମବାସୀ କାକଟପୁର ତହସିଲ୍ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବେ। ଏହି ବିଷୟରେ ତହସିଲ୍‌ଦାର କିମ୍ବା ସମ୍ପୃକ୍ତ ରାଜସ୍ୱ ଅଧିକାରୀଙ୍କ କୌଣସି ପ୍ରତିକ୍ରିୟା ଏ ପର୍ଯ୍ୟନ୍ତ ମିଳିପାରି ନାହିଁ।

**ତହସିଲ୍ ପ୍ରଶାସନ ହାତବାନ୍ଧି ବସିବା ପଛର ରହସ୍ୟ କ'ଣ ?**

# ପୋଖରୀରେ ବୁଡ଼ି ଛାତ୍ରୀ ମୃତ; ଜଣେ ଗୁରୁତର



କଣାସ,୧୨।୫(ସମିସ): ସୋମବାର କଣାସ ବ୍ଲକ୍ ବକୁ ଗ୍ରାମପଞ୍ଚାୟତ କଳାମାଟି ଗ୍ରାମରେ ଘଟିଯାଇଛି ଏକ ଅଘଟଣ। ପୋଖରୀରେ ଗାଧୋଉଥିବାବେଳେ ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇପଡ଼ିଛନ୍ତି। ମୃତକ ଜଣକ ହେଲେ ଉକ୍ତ ଗ୍ରାମର ରଶ୍ମିତା ସାହୁ(୧୨)। ଖବର ନେବାରେ ଜଣାପଡ଼ିଛି, ରଶ୍ମିତା ସାହୁ, କଲ୍ୟାଣୀ ସାହୁ ଓ ମାଧୁରୀ ବେହେରା ତିନି ଜଣ ସାଙ୍ଗ ଦିନ ୧୧ଟା ସମୟରେ ସାଙ୍ଗ ହୋଇ ଗ୍ରାମ୍ୟ ପଦ୍ମ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ରଶ୍ମିତା ପୋଖରୀ ଭିତର ଗଣ୍ଡକୁ ଚାଲିଯାଇ ବୁଡ଼ି ଯାଇଥିଲେ। ତାଙ୍କ ସାଙ୍ଗ କଲ୍ୟାଣୀ ସାହୁ ଓ ମାଧୁରୀ ବେହେରା ଉଦ୍ଧାର କରିବା ପାଇଁ ଗାମୁଛା ପକାଇଥିଲେ। ରଶ୍ମିତା ଗାମୁଛାକୁ ଧରିବା ସହ ସେମାନଙ୍କୁ ମଧ ଗଣ୍ଡକୁ ଭିଡ଼ି ନେଇଥିଲେ। ଏହି ୩ ଝିଅ ବୁଡ଼ି ଯାଉଥିବା ଦେଖି ପାଖରେ ଥିବା କସ୍ତୁରୀ ସେଠୀ ଲୋକଙ୍କୁ ଡାକ ପକାଇବା ସହ ପ୍ରଥମେ କଲ୍ୟାଣୀ ଓ ମାଧୁରୀଙ୍କୁ ଉଦ୍ଧାର କରି ଉପରକୁ ଆଣିଥିଲେ। ଏହାପରେ ରଶ୍ମିତାଙ୍କୁ ଉପରକୁ ଆଣିଥିଲେ। ରଶ୍ମିତା ଓ କଲ୍ୟାଣୀ ଅଚେତ ହୋଇଯାଇଥିବାରୁ ସେମାନଙ୍କୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରୁ ଡାକ୍ତର ରଶ୍ମିତାଙ୍କୁ ମୃତ ଘୋଷଣା କରିଥିବାବେଳେ କଲ୍ୟାଣୀଙ୍କୁ ନିରାକାରପୁର ଡାକ୍ତରଖାନାକୁ ପଠାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱରସ୍ଥ ଏମ୍‌ସ ଡାକ୍ତରଖାନାକୁ ସ୍ଥାନାନ୍ତର କରିଦିଆଯାଇଛି। ଗଡ଼ିଶାଗୋଡା ପୁଲିସ ଶବକୁ ଜବତ କରି ଏକ ଅପମୃତ୍ୟୁ ମାମଲା ନଂ ୩/୨୦୨୬ ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଛନ୍ତି।

# ଆଇନଶୃଙ୍ଖଳା କଡ଼ାକଡ଼ି ପାଇଁ ବ୍ୟାପକ ପାଟ୍ରୋଲିଂ



ପୁରୀ,୧୨।୫(ସମିସ): ପୁରୀ ସହରରେ ଆଇନଶୃଙ୍ଖଳା ସୁଦୃଢ଼ କରିବା ଓ ଅସାମାଜିକ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ପୁଲିସ ପକ୍ଷରୁ ବ୍ୟାପକ ପାଟ୍ରୋଲିଂ ଓ ଯାଞ୍ଚ ଅଭିଯାନ ଆରମ୍ଭ ହୋଇଛି। ଏସ୍‌ପି ପ୍ରତୀକ୍ ସିଂଙ୍କ ନିର୍ଦ୍ଦେଶରେ ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଟାଉନ, ସି-ବିଚ୍, ଟ୍ରାଫିକ୍, କୁମ୍ଭାରପଡ଼ା, ବାଳିଆପଣ୍ଡା, ତାଳବଣିଆ ଓ ବାସେଲୀସାହି ଥାନାର ପୁଲିସ କର୍ମଚାରୀମାନେ ସହର ଛକ, ଗଳିକନ୍ଦି, ସମୁଦ୍ରକୂଳ, ଖଟି ଜାଗା ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ମିଳିତ ପାଟ୍ରୋଲିଂ କରିଛନ୍ତି। ପାଟ୍ରୋଲିଂ ବେଳେ ସନ୍ଦେହଜନକ ବ୍ୟକ୍ତି ଓ ଯାନବାହନର ଯାଞ୍ଚ କରାଯାଇଛି। ରାତି ସମୟରେ ଚୋରି, ଛିନ୍‌ତାଇ, ନିଶା କାରବାର ଓ ଅନ୍ୟ ଅପରାଧ ରୋକିବାକୁ ବିଶେଷ ନଜର ରଖାଯାଇଛି। ପୁଲିସ ଅଧିକାରୀମାନେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ସୁରକ୍ଷା ସଚେତନତା ବାର୍ତ୍ତା ଦେଇଛନ୍ତି। ଅନ୍ଧାରୁଆ ଓ ନିର୍ଜନ ସ୍ଥାନରେ ଭିଡ଼ ନ କରିବା ଏବଂ ସନ୍ଦେହଜନକ ଘଟଣା ଦେଖିଲେ ତୁରନ୍ତ ପୁଲିସକୁ ସୂଚନା ଦେବାକୁ ଅନୁରୋଧ କରାଯାଇଛି। ଶାନ୍ତି ଓ ସୁରକ୍ଷା ରକ୍ଷା ପାଇଁ ଏଭଳି ପାଟ୍ରୋଲିଂ ଓ ଫ୍ଲାଗ୍ ମାର୍ଚ୍ଚ ଆଗକୁ ମଧ ଜାରି ରହିବ। ଅସାମାଜିକ କାର୍ଯ୍ୟରେ ଲିପ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

# ଅସମୟରେ ଯନ୍ତ୍ରୀଙ୍କ ବଦଳିକୁ ନେଇ ତେଜୁଛି ଚାଷୀ ଅସନ୍ତୋଷ

କୁଣ୍ଢେଇ,୧୨।୫(ସମିସ): ପୁରୀ ଜିଲ୍ଲା ନିମାପଡ଼ା ଜଳସେଚନ ବିଭାଗ ଅଧୀନସ୍ଥ କାକଟପୁର ଜଳସେଚନ ବିଭାଗ ସବ୍‌ଡିଭିଜନ ହେଡ୍ କ୍ୱାର୍ଟର୍ସ ସେକ୍ସନର ଯନ୍ତ୍ରୀ ପଦ ସହ ସବ୍‌ଡିଭିଜନର କ୍ୟାସିଅର ଓ ଏକାଧିକ ଖଲାସୀ ପଦ ଖାଲି ପଡ଼ିଛି। ଅସମୟରେ ଏହି ସବ୍‌ଡିଭିଜନର ଜନୈକ କନିଷ୍ଠ ଯନ୍ତ୍ରୀଙ୍କ ଅନ୍ୟତ୍ର ବଦଳିକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

ଚାଷୀଙ୍କ ଅଭିଯୋଗ ଅନୁସାରେ, କାକଟପୁର ଜଳସେଚନ ବିଭାଗ ସବ୍‌ଡିଭିଜନ ଅଧୀନରେ ୫ଟି ସେକ୍ସନ ଥିବାବେଳେ ଯନ୍ତ୍ରୀ ସଂଖ୍ୟା ଏବେ ୪ ରହିଛି। ସବ୍‌ଡିଭିଜନରେ ଆଜକୁ ବର୍ଷ ବର୍ଷ ଧରି ଖାଲି ପଡ଼ିଥିବା ହେଡ୍ କ୍ୱାର୍ଟର୍ସ ସେକ୍ସନର ଯନ୍ତ୍ରୀ ପଦ ପୂରଣ ନ କରି ଗତ ୪ ଦିନ ତଳେ କାହା ସ୍ୱାର୍ଥରେ ଏହି ସବ୍‌ଡିଭିଜନ ଅଧୀନସ୍ଥ ଅସ୍ତରଙ୍ଗ ସାଲାଇନ୍ ସେକ୍ସନର କନିଷ୍ଠ ଯନ୍ତ୍ରୀ ବିନୋଦ ମାଝୀଙ୍କୁ ଅନ୍ୟତ୍ର ବଦଳି କରାଗଲା। ଏନେଇ ବିଭାଗୀୟ ସଚିବ ଦୃଷ୍ଟି ଦେବାକୁ ଚାଷୀ ମହଲରେ ଦୃଢ଼ ଦାବି ହୋଇଛି। ବହୁ ଚାଷୀ ସେମାନଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ଅସ୍ତରଙ୍ଗ ସାଲାଇନ ସେକ୍ସନର ତଳ ମୁଣ୍ଡର ଚାଷୀ ବର୍ଷ ବର୍ଷ ଧରି ସେମାନଙ୍କ ଜମିରେ କେନାଲ ପାଣି ମାଡୁନି। ଭଇରୁଆଁଠାରୁ କେନାଲ ଶେଷ ମୁଣ୍ଡ ବେଲଙ୍ଗ ପର୍ଯ୍ୟନ୍ତ କେନାଲ ପାଣି ପହଞ୍ଚାଇବା, କେନାଲ ପାଣି ପ୍ରବାହିତ ସମୟରେ ରାତ୍ରୀ ଉଜାଗର ରହି କେନାଲ ପାଣିକୁ ଚାଷୀଙ୍କ ମଧ୍ୟରେ ସୁଷମ ବଣ୍ଟନ କରିବା ଓ ଚଷୀଙ୍କ ସମସ୍ୟା ତୁରନ୍ତ ସମାଧାନ କରବାରେ କନିଷ୍ଠ ଯନ୍ତ୍ରୀ ଶ୍ରୀ ମାଝୀଙ୍କର ଅନେକ ଦକ୍ଷତା ଓ ସୁନାମ ରହିଛି। ଏହାଛଡ଼ା କନିଷ୍ଠ ଯନ୍ତ୍ରୀ ଶ୍ରୀ ମାଝୀ ଜଣେ କର୍ତ୍ତବ୍ୟନିଷ୍ଠ ଓ ସରଳ ସ୍ୱଭାବର ବ୍ୟକ୍ତି ହୋଇଥିବାରୁ କେନାଲ ପାଣି ପ୍ରବାହିତ ସମୟରେ କେନାଲରୁ ଦଳ ଓ ମଡ଼ କାଢ଼ିବା ସହିତ ପ୍ରାକୃତିକ ଦୈବୀଦୁର୍ବିପାକ ସମୟରେ ରାତ୍ରୀ ଉଜାଗର ରହି ଉପୁଜୁଥିବା ସମସ୍ୟାର ତ୍ୱରିତ ସମାଧାନ କରିବାରେ ଅନେକ ନଜିର୍ ରହିଛି। ଅସ୍ତରଙ୍ଗ ସାଲାଇନ୍ ସେକ୍ସନର ଲୁଣା ଘେରିବନ୍ଧଗୁଡ଼ିକରେ ଥିବା ୭୦ରୁ ଉର୍ଦ୍ଧ୍ୱ ସ୍ଲୁଇସ୍ ଗେଟ୍‌ରେ ବର୍ଷା ଦିନେ ବର୍ଷା ଜଳ ନିଷ୍କାସନ ଓ ସ୍ଲୁଇସ୍ ଗେଟ୍ ଦେଇ ପଶି ଆସୁଥିବା ସମୁଦ୍ର ଲୁଣା ପାଣିକୁ ପ୍ରତିହତ କରିବାରେ ଯନ୍ତ୍ରୀ ଶ୍ରୀ ମାଝୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ଏପରି ସ୍ଥଳେ ଯଦି କନିଷ୍ଠ ଯନ୍ତ୍ରୀ ଶ୍ରୀ ମାଝୀଙ୍କ ବଦଳି ଆଦେଶକୁ ବାତିଲ୍ କରା ନ ଯାଏ, ତେବେ ଏହାର ପ୍ରତିବାଦରେ ଏକ ଚାଷୀ ଆନ୍ଦୋଳନକୁ ଜୋର୍‌ଦାର୍ କରାଯିବ ବୋଲି ଅଞ୍ଚଳର ଅଗ୍ରଣୀ ଚାଷୀ କୈଳାସ ଚନ୍ଦ୍ର ଲେଙ୍କା, କରୁଣାକର ସେନାପତି, ଭାସ୍କର ସାହୁ, ପ୍ରଫୁଲ୍ଲ ସେନାପତି, ଶକ୍ତି ପ୍ରସାଦ ସ୍ୱାଇଁ, ଭୀମସେନ ସେଠୀ, ନଟବର ମହାନ୍ତି ପ୍ରମୁଖ ଚେତାବନୀ ଦେଇଛନ୍ତି।

**ବଦଳି ଆଦେଶ ବାତିଲ୍ ନ ହେଲେ ଆନ୍ଦୋଳନ ଚେତାବନୀ**

# ଚୋରା ବାଲି ଓ ପଥର ଚାଲାଣ କରୁଥିବା ୧୨ ଗାଡ଼ି ଜବତ

ସାକ୍ଷୀଗୋପାଳ,୧୨।୫(ସମିସ): ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଅତିରିକ୍ତ ତହସିଲ୍‌ଦାର ସୌମ୍ୟରଞ୍ଜନ ପରିଡ଼ା ଓ ସତ୍ୟବାଦୀ ଥାନା ଆଇଆଇସି ସୌମ୍ୟରଞ୍ଜନ ମହାଲିକଙ୍କ ମିଳିତ ଚଢ଼ଉ ଫଳରେ ସୋମବାର ୧୨ଟି ଚୋରା ବାଲି ଓ ପଥର ଚାଲାଣ କରୁଥିବା ଗାଡ଼ି ଜବତ ହୋଇଛି। ସତ୍ୟବାଦୀ ତହସିଲ୍ ଓ ସତ୍ୟବାଦୀ ଥାନା ତରଫରୁ ନିୟମିତ ଚଢ଼ଉ ଫଳରେ ୨ ମାସ ମଧ୍ୟରେ ବେଆଇନ ବାଲି ଓ ପଥର ଚାଲାଣ କରୁଥିବା ୧୦୦ ଟ୍ରକ୍ ଜବତ ହୋଇଛି। ପୁରୀ-ଭୁବନେଶ୍ୱର ୩୧୬ ନମ୍ବର ଜାତୀୟ ରାଜପଥ ଓ ପୁରୀ-ଖୋର୍ଦ୍ଧା ନୂଆ ଜଗନ୍ନାଥ ସଡ଼କ ମୁଖ୍ୟ ରାସ୍ତାରୁ ଜବତ ହୋଇଥିବା ଏହି ଗାଡ଼ିଗୁଡ଼ିକ ଲମ୍ବା ଲାଇନ୍‌ରେ ଥାନା ଆଗରେ ରଖାଯାଇଛି। ଜବତ ହୋଇଥିବା ଶତାଧିକ ଚୋରା ବାଲି ଟ୍ରକ୍ ଓ ପଥର ଗାଡ଼ି ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସତ୍ୟବାଦୀ ଥାନା ଅନ୍ତର୍ଗତ ଭାର୍ଗବୀ ନଦୀର ଗବକୁଣ୍ଡ ନିକଟ ଭାର୍ଗବୀ ନଦୀ ପଠାରେ ଚୋରା ବାଲି ଓ ଚୋରା ମାଟି ଚାଲାଣ ରୋକିବା ନିମନ୍ତେ ପ୍ରଶାସନ ତରଫରୁ ୧୬୩ ଧାରା ଲାଗୁ କରାଯାଇଛି।

**ଦୁଇ ମାସ ଭିତରେ ୧୦୦ ଟ୍ରକ୍ ଜବତ କଲେଣି ସତ୍ୟବାଦୀ ତହସିଲ୍ ଓ ଥାନା; ତଥାପି ସୁଧୁରୁନାହାନ୍ତି ମାଫିଆ**

# ଜଗନ୍ନାଥଙ୍କ ମନ୍ଦିରରେ କଳାକନା ବୁଲାଇଲେ ଦୁର୍ବୃତ୍ତ



ଅସ୍ତରଙ୍ଗ,୧୨।୫(ସମିସ): ଅସ୍ତରଙ୍ଗ ବ୍ଲକ୍ ଅଞ୍ଚଳରେ ଗତ କିଛିଦିନ ହେଲାଣି ମଠ ଓ ମନ୍ଦିରରୁ ଲଗାତାର ଚୋରି ହେଉଥିବା ଦେଖିବାକୁ ମିଳୁଛି। କହିବାକୁ ଗଲେ ଏବେ ଲୁଟେରାମାନଙ୍କ ହବ୍ ପାଲଟିଛି। ସେହିପରି ରବିବାର ରାତିରେ ଅସ୍ତରଙ୍ଗ ବ୍ଲକ୍ ବରଡିହ ଗ୍ରାମର ନୂତନ ଜଗନ୍ନାଥଙ୍କ ମନ୍ଦିର ଉପରେ ପଡ଼ିଛି ଦୁର୍ବୃତ୍ତଙ୍କ ନଜର। ବିଳମ୍ବିତ ରାତିରେ ଜଗନ୍ନାଥ ମନ୍ଦିର ତାଲା ଭାଙ୍ଗି ପିତ୍ତଳ ଘଣ୍ଟ ସହ ଅନେକ ସାମଗ୍ରୀ ଚୋରି କରିଛନ୍ତି। ପାଖାପାଖି ୪୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ଚୋରି ହୋଇଛି ବୋଲି ପୂଜକ ଟୁନା ପଣ୍ଡା ସୂଚନା ଦେଇଛନ୍ତି। ଏହି ଚୋରି ବିଷୟରେ ସେହି ଗ୍ରାମର ତଥା ପଟଳଦା ପଞ୍ଚାୟତ ସରପଞ୍ଚ ଯଶୋବନ୍ତ ନାୟକ ପୁଲିସକୁ ଜଣାଇବା ସହିତ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରୁଥିବା ଶ୍ରୀ ନାୟକ ସୂଚନା ଦେଇଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ କହିବା କଥା ଯେ ରାତ୍ର ସମୟରେ ପୁଲିସ ପାଟ୍ରୋଲିଂ କୋହଳ ଥିବାରୁ ନିଶାଡ଼ିମାନଙ୍କ ପ୍ରାଦୁର୍ଭାବ ବଢୁଥିବାରୁ ଏପରି ଘଟଣା ବାରମ୍ବାର ଘଟୁଛି।

# ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ ପାଇଁ ପ୍ରସ୍ତୁତି



ଅସ୍ତରଙ୍ଗ,୧୨।୫(ସମିସ): ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି, ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟସ୍ଥ ଐତିହାସିକ ଲବଣ ସତ୍ୟାଗ୍ରହ ସ୍ମୃତି ପୀଠ କୁହୁଡ଼ିଠାରେ ଆସନ୍ତା ୨୧ ତାରିଖରେ ୯୭ତମ ରାଜ୍ୟସ୍ତରୀୟ ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ ଆୟୋଜିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଅସ୍ତରଙ୍ଗ ପଞ୍ଚାୟତ ସମିତି ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧକ୍ଷା ଆରତୀ ନାୟକଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ସସ୍ମିତା ବେହେରା କାର୍ଯ୍ୟକ୍ରମର ସଫଳ ରୂପାୟଣ ପାଇଁ ଜିଲ୍ଲା ଓ ବ୍ଲକ୍ ପ୍ରଶାସନ ତରଫରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ଅମିୟ କୁମାର ପଟ୍ଟନାୟକ ସରକାର ଓ ପ୍ରଶାସନର ସମନ୍ୱୟରେ କାର୍ଯ୍ୟକ୍ରମଗୁଡ଼ିକୁ ସଠିକ୍ ସମୟରେ ସମ୍ପାଦନ କରିବାକୁ ସହଯୋଗ ଲୋଡ଼ିଥିଲେ। ଏହି ସମାରୋହରେ ମୁଖ୍ୟମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀ, ଆଇନ ମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀଙ୍କ ସମେତ ସ୍ଥାନୀୟ ସାଂସଦ ଓ ବିଧାୟକଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରାଯାଇଥିବା ବୈଠକରେ ସୂଚନା ଦିଆଯାଇଛି। ଏହି ବୈଠକରେ ଅସ୍ତରଙ୍ଗ ତହସିଲ୍‌ଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ସ୍ୱାସ୍ଥ୍ୟ ଅଧିକାରୀ ଡା. ସଞ୍ଜୟ କୁମାର ପ୍ରଧାନ, ସିଡିପିଓ ଲୋଚନା ସେଠୀ, ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ମାମିନା ପରିଡ଼ାଙ୍କ ସମେତ ବିଭିନ୍ନ ବିଭାଗର ଯନ୍ତ୍ରୀ ଓ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି ଏବଂ ସ୍ମୃତି ସମିତିର ବରିଷ୍ଠ ସଦସ୍ୟମାନେ ମଧ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବାକୁ ମତ ରଖିଥିଲେ।

• ଚାରିଛକରେ ଅନ୍ତର୍ଜାତୀୟ ନର୍ସ ଦିବସ ପାଳିତ

# 'ମାନବ ସେବା ହିଁ ମାଧବ ସେବା'




ଚାରିଛକ,୧୨।୫(ସମିସ): ସ୍ଥାନୀୟ ତୁଳସୀପୁରସ୍ଥିତ ସାଇ କନ୍‌ଭେନ୍ସନ ମଣ୍ଡପଠାରେ 'ସରସ୍ୱତୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ' ପକ୍ଷରୁ ଅନ୍ତର୍ଜାତୀୟ ନର୍ସ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ସୁବାସ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ ଅତିଥିମାନେ ଯୋଗଦେଇ ରୋଗୀ ସେବାରେ ନର୍ସମାନଙ୍କ ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡ. ସନ୍ତୋଷ କୁମାର ମିତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଡା. ସୁକାନ୍ତ କୁମାର ଜେନା, ଏମ୍‌ଏସ୍‌ଏଚ୍‌ଏସ୍‌ଏସ୍ ଅଧକ୍ଷ ଅଜୟ କୁମାର ମହାନ୍ତି, ଚାରିଛକ ପ୍ରେସ୍ କ୍ଲବ୍ ସଭାପତି ପ୍ରଫୁଲ୍ଲ କୁମାର କର, କାର୍ଯ୍ୟକାରୀ ସଭାପତି ଶିଶିର କୁମାର ସ୍ୱାଇଁ ଏବଂ ସରସ୍ୱତୀ ଶିଶୁମନ୍ଦିର ସମ୍ପାଦକ ବିଜୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ନିଜ ଅଭିଭାଷଣରେ କହିଥିଲେ ଯେ "ମଣିଷର ସେବା ହିଁ ଭଗବାନଙ୍କ ସେବା'। ସେବା ଓ କର୍ତ୍ତବ୍ୟବୋଧକୁ ଜୀବନର ବ୍ରତ ଭାବେ ଗ୍ରହଣ କରିବାକୁ ସେମାନେ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ ଯେ, ଆଧୁନିକ ନର୍ସିଂ ସେବାର ଜନନୀ ଫ୍ଲୋରେନ୍ସ ନାଇଟେଙ୍ଗେଲଙ୍କ ତ୍ୟାଗ ଓ ନିଷ୍ଠାକୁ ସ୍ମରଣ କରି ୧୯୬୫ ମସିହାରୁ ଅନ୍ତର୍ଜାତୀୟ ନର୍ସେସ କାଉନ୍ସିଲ୍ ପକ୍ଷରୁ ଏହି ଦିବସ ପାଳନ କରାଯାଇ ଆସୁଛି। ୧୮୨୦ ମେ' ୧୨ ତାରିଖରେ ଇଟାଲୀର ଫ୍ଲୋରେନ୍ସ ସହରରେ ଜନ୍ମିତ ଏହି ମହିୟସୀ ମହିଳା ନିଜର ସେବା ଦ୍ୱାରା ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସେହି ସ୍ମୃତିରେ ପ୍ରତିବର୍ଷ ମେ' ୧୨କୁ ନର୍ସ ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ନର୍ସମାନଙ୍କ ଆବଶ୍ୟକତା ଓ ସେମାନଙ୍କ ସେବା ମନୋବୃତ୍ତିର ପ୍ରଚାରପ୍ରସାର କରିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ ବୋଲି ଆଲୋଚକମାନେ ମତବ୍ୟକ୍ତ କରିଥିଲେ। ଶେଷରେ ଅନୁଷ୍ଠାନର ଅଧକ୍ଷା ଅନୁସୂୟା ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ବିଜେପିର ସାଂଗଠନିକ ବୈଠକ

ଚାରିଛକ,୧୨।୫(ସମିସ): ନିକଟସ୍ଥ କଳାପାଞ୍ଚଣ ପଞ୍ଚାୟତ ସିଦ୍ଧମଠ ପରିସରରେ ବିଜେପି ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଭାପତି ମନୋଜ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତର ୧୮ ନମ୍ବର ୱାର୍ଡର ବିଭିନ୍ନ ସାଂଗଠନିକ ଓ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଉକ୍ତ ୱାର୍ଡର ପ୍ରାୟ ଶହେରୁ ଅଧିକ ବିଜେପି କର୍ମୀ ଯୋଗଦେଇଥିଲେ। ବିଶେଷ କରି ସ୍ଥାନୀୟ ଅଞ୍ଚଳରେ ଦେଖାଦେଉଥିବା ବିଭିନ୍ନ ସମସ୍ୟା ଓ କର୍ମୀମାନଙ୍କ ଅଭିଯୋଗ ସମ୍ପର୍କରେ ଏଥିରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଏହି ସମସ୍ତ ସମସ୍ୟାର ସମାଧାନ ପାଇଁ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ଆଲୋଚନା କରାଯିବ ଏବଂ ଶୀଘ୍ର ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସଭାପତି ଶ୍ରୀ ନାୟକ କର୍ମୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ସକ୍ରିୟ କର୍ମୀ ଓ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ରହି ତୃଣମୂଳ ସ୍ତରରେ ସଂଗଠନକୁ ଆହୁରି ମଜଭୁତ କରିବା ପାଇଁ ସଂକଳ୍ପ ନେଇଥିଲେ।

# କବାଟ ଭାଙ୍ଗି ୪ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି

ନୟାହାଟ,୧୨।୫(ସମିସ): ଗୃହକର୍ତ୍ତା ଘରେ ରହୁ ନ ଥିବା ସୁଯୋଗ ନେଇ କେତେକ ଦୁର୍ବୃତ୍ତ କବାଟ ଭାଙ୍ଗି ୪ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି କରି ନେଇଥିବା ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଦେସ୍ଥଳି ପଞ୍ଚାୟତ ଅନ୍ତର୍ଗତ ଦୂର୍ଗେଶ୍ୱରଗଡ଼ ଗ୍ରାମର ସମ୍ବିତ୍ ରାୟଙ୍କ ଘରୁ ସୋମବାର ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ ଘରର କବାଟ ଭାଙ୍ଗି ବଡ଼ ପିତ୍ତଳ ହଣ୍ଡା ଦୁଇଟା, ବାଲ୍‌ଟି, ଦୁଇଟା ଘଣ୍ଟ, ରୁପା ଜିନିଷ ସମେତ ଅନେକ ସାମଗ୍ରୀ ଚୋରି ହୋଇଥିବା ଫାଣ୍ଡିରେ ଅଭିଯୋଗ ହୋଇଛି। ଚୋରି ହୋଇଥିବା ସାମଗ୍ରୀର ମୂଲ୍ୟ ୪ଲକ୍ଷ ଟଙ୍କା ହେବ ବୋଲି ଏତଲାରେ ଦର୍ଶାଯାଇଛି। ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଘଟଣାର ତଦନ୍ତ କରୁଥିବାବେଳେ ସେ କହିଛନ୍ତି ଗୃହକର୍ତ୍ତା ଘରେ ରହୁ ନ ଥିବା ବେଳେ ଘରୁ ଚୋରି ହେଇଛି। ଏହାର ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ଦୁର୍ବୃତ୍ତଙ୍କୁ ଗିରଫ କରାଯିବ।

# ସତ୍ୟବାଦୀ ଥାନାରେ ବ୍ରିଫ୍ ଆରମ୍ଭ



ସାକ୍ଷୀଗୋପାଳ,୧୨।୫(ସମିସ): ପୁରୀ ଏସ୍‌ପି ପ୍ରତୀକ୍ ସିଂଙ୍କ ନିର୍ଦ୍ଦେଶକ୍ରମେ ସତ୍ୟବାଦୀ ଥାନାରେ ନିୟମିତ ଭାବରେ ବ୍ରିଫ୍ ଆରମ୍ଭ ହୋଇଛି। ସତ୍ୟବାଦୀ ଥାନା ଆଇଆଇସି ସୌମ୍ୟରଞ୍ଜନ ମହାଲିକଙ୍କ ତତ୍ତ୍ୱାବଧାନରେ ବ୍ରିଫ୍ ମାଧ୍ୟମରେ ଥାନାର ଡିସିଓ, ପାଟ୍ରୋଲିଂ ଷ୍ଟାଫ୍, ନାଇଟ୍ ପାଟ୍ରୋଲିଂ ଷ୍ଟାଫ୍, ଥାନାର ସମସ୍ତ ଷ୍ଟାଫ୍‌ଙ୍କ ସହିତ ପ୍ରାୟ ୧୫ରୁ ୨୦ ମିନିଟ୍ ପର୍ଯ୍ୟନ୍ତ ଏହି ବ୍ରିଫ୍ ଅନୁଷ୍ଠିତ ହେଉଛି। ଥାନାକୁ ଅଭିଯୋଗ ନେଇ ଆସୁଥିବା ପ୍ରତ୍ୟେକ ବ୍ୟକ୍ତି ଯେମିତି ସଠିକ୍ ଭାବରେ ଆଇନ ସେବା ପାଇପାରିବେ ଓ କୌଣସି ଅସନ୍ତୁଷ୍ଟ ଯେମିତି କେହି ନ ହେବେ ଏହି ବ୍ରିଫ୍ ମାଧ୍ୟମରେ ଆଲୋଚନା କରାଯାଏ।

# ଶତାୟୁ ବ୍ୟକ୍ତିଙ୍କ ପରଲୋକ



କଣାସ,୧୨।୫(ସମିସ): କଣାସ ବ୍ଲକ୍ କଣାସ ଗ୍ରାମ ପଞ୍ଚାୟତ କଣାସ ଗ୍ରାମର ଧର୍ମପରାୟଣ ବ୍ୟକ୍ତି ପତିତପାବନ ଚମ୍ପତିଙ୍କର ୧୦୨ ବର୍ଷ ବୟସରେ ରବିବାର ପରଲୋକ ହୋଇଯାଇଛି। ସେ ନିଜ ବାସଗୃହର ପ୍ରଥମ ମହଲା ଛାତ ଉପରକୁ ଯାଇଥିଲେ। ସେଠାରେ ବୁଲୁଥିବା ସମୟରେ ତଳକୁ ଖସିପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱର ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲା। ରବିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସେ ଶେଷ ଜୀବନ ପର୍ଯ୍ୟନ୍ତ ମା' କୁଞ୍ଜେଶ୍ୱରୀଙ୍କ ସମ୍ମୁଖରେ ପ୍ରତ୍ୟହ ସନ୍ଧ୍ୟାରେ ଭାଗବତ ପାଠ କରୁଥିଲେ। ଗ୍ରାମ୍ୟ ଶ୍ମଶାନରେ ଶବ ସତ୍କାର କରାଯାଇଥିଲା। ବଡ଼ପୁଅ ହାଡ଼ିବନ୍ଧୁ ଚମ୍ପତି ମୁଖାଗ୍ନି ଦେଇଥିଲେ।

# ଜଗନ୍ନାଥ ସଂସ୍କୃତିକୁ ଅବମାନନା ଠିକ୍ ନୁହେଁ

ପୁରୀ,୧୨।୫(ସମିସ)



ଭକ୍ତ ସାଲବେଗ ସମାଧି ପୀଠରେ ଶ୍ରୀଜଗନ୍ନାଥ ଭକ୍ତ ସମାଜ ଓ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ, ଇଣ୍ଡିଆ ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଶ୍ରୀମନ୍ଦିର ପୁରୋହିତ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ରଥଯାତ୍ରା ଉତ୍ସବ, ଶାସ୍ତ୍ର ଓ ପରମ୍ପରା ଅନୁଯାୟୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ମହାପାତ୍ର, ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ଯୋଗଦେଇ ରଥଯାତ୍ରାର ପ୍ରାଚୀନତା ତଥା ବୈଦିକ ଯୁଗରୁ ଆରମ୍ଭ ବୋଲି ମତବ୍ୟକ୍ତ କରିଥିଲେ। ବାଦ ବିବାଦ ନୁହେଁ ଉପଯୁକ୍ତ ପ୍ରମାଣ ସହ ରଥଯାତ୍ରା ଶ୍ରୀମନ୍ଦିର ନୀତି ନିର୍ଘଣ୍ଟ ଅନୁସାରେ କରିବା ପାଇଁ ସମସ୍ତଙ୍କୁ ପ୍ରବର୍ତ୍ତାଇବା ଲାଗି ପରାମର୍ଶ ଦେଇଥିଲେ। ଶ୍ରୀମନ୍ଦିରରେ ପାଳନ କରାଯାଉଥିବା ଯାନିଯାତ୍ରା ନିଜେ ଭଗବାନ ଶ୍ରୀଜଗନ୍ନାଥ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ କହିଥିଲେ। ତେଣୁ ଏଥିରେ ବ୍ୟତିକ୍ରମ ହେବା ଅନୁଚିତ୍ ବୋଲି ମତ ରଖିଥିଲେ। ମା' ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସ ମହାପାତ୍ର ଶାସ୍ତ୍ର ବିରୋଧୀ ରଥଯାତ୍ରା ବର୍ଜନ କରିବାକୁ ସମସ୍ତ ସଂଗଠନ ଏକାଠି ହେବାକୁ ମତ ଦେଇଥିଲେ। ପୂଜାପଣ୍ଡା ସାମନ୍ତ ରାମନାରାୟଣ ପୂଜାପଣ୍ଡା ଜଗନ୍ନାଥ ସଂସ୍କୃତିକୁ ଅବମାନନା କରାଯିବା ଠିକ୍ ନୁହେଁ ବୋଲି କହିଥିଲେ। ସଭାପତି ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ସ୍ନାନଯାତ୍ରା, ରଥଯାତ୍ରା କାହିଁକି ନୀତି ନିୟମ ଅନୁସାରେ କରାଯିବ ତା'ର ଗୁଢ଼ ରହସ୍ୟ ବିଶ୍ଳେଷଣ କରାଯିବା ଉଚିତ୍। କାର୍ ଫେଷ୍ଟିଭାଲ ନୁହେଁ, ଏହାକୁ ଚାରିୟଟ ଫେଷ୍ଟିଭାଲ କୁହାଯିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ।

ଶ୍ରୀ ମହାପାତ୍ର ଆହୁରି କହିଥିଲେ, ଆସନ୍ତା ଜୁଲାଇ ୨୪ରୁ ୨୭ ତାରିଖ ପର୍ଯ୍ୟନ୍ତ ହିମାଚଳ ପ୍ରଦେଶ ପ୍ରାଗପୁର ଶ୍ରୀଜଗନ୍ନାଥ ମନ୍ଦିରଠାରେ ଶ୍ରୀଜଗନ୍ନାଥ ପଞ୍ଚରାତ୍ର ଓ ବେଦବ୍ୟାସ କ୍ୟାମ୍ପସ ବଲାହର ପ୍ରାଗପୁରଠାରେ ଅନ୍ତର୍ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏହି ଅବସରରେ ଶ୍ରୀଜଗନ୍ନାଥ ସୌରଭ ସମ୍ଭାର ପୁସ୍ତକ-୨ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏଥିରେ ଉମାକାନ୍ତ ମିଶ୍ର, ରବି ନାରାୟଣ ମହାପାତ୍ର, ଡ. ପ୍ରଦୀପ ଚନ୍ଦ୍ର ଆଚାର୍ଯ୍ୟ, ଡ. ଶଶିକାନ୍ତ ରଥ, ବୀର ଅନନ୍ତ ପଣ୍ଡା, ଆଶୁତୋଷ ପଣ୍ଡା ଓ ଅନୁଷ୍ଠାନର ସଭ୍ୟସଭ୍ୟାମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହା ପୂର୍ବରୁ ଅନୁଷ୍ଠାନର ସଭାପତି ଡ. ନାରାୟଣ ମହାପାତ୍ରଙ୍କ ମାର୍ଗଦର୍ଶନରେ ମହାପ୍ରଭୁଙ୍କ ଦର୍ଶନ କରାଯାଇଥିଲା।

୧୨/୫/୨୦୨୬ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୮୩,୯୩୮/- ସୁନା:୦୦.୦୦୦ ଗ୍ରାମ୍ ରୁପା: ୩୫.୫୦୦ ଗ୍ରାମ୍



କଣାସ ବର୍ବରତା

# ମୁଖ୍ୟ ଅଭିଯୁକ୍ତକୁ ରିମାଣ୍ଡରେ ଆଣିବ ପୁଲିସ

ପୁରୀ,୧୨।୫(ସମିସ)

କଣାସ ଗୋଲାବଜାର ମାଛ ମାର୍କେଟରେ ଘଟିଥିଲା ବର୍ବର କାଣ୍ଡ। ସର୍ବସମ୍ମୁଖରେ ରାସ୍ତା ଉପରେ ଜଣେ ଯୁବକଙ୍କୁ ମାଛକଟା ପନିକିରେ ହାଣି ବୁଲେଟ୍ ଚଢ଼ାଇ ହତ୍ୟା ଉଦ୍ୟମ କରିଥିଲେ କିଛି ଦୁର୍ବୃତ୍ତ। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କଣାସ ଚାନ୍ଦପଡ଼ାର ସୁଧାଂଶୁ ମହାପାତ୍ର ଓରଫ ହାପି। ସୋମବାର ପୁରୀ କୋର୍ଟରେ ଆତ୍ମସମର୍ପଣ କରିଥିଲା। ହେଲେ ମୁଖ୍ୟ ଅଭିଯୁକ୍ତ ୯ ଦିନ ଧରି ବାହାରେ ରହିବାକୁ ନେଇ ନାନା ଚର୍ଚ୍ଚା ଚାଲିଥିବାବେଳେ ପୁଲିସ ପଦକ୍ଷେପକୁ ନେଇ ଅନେକ ସନ୍ଦେହ ପ୍ରକଟ କରିଥିଲେ। ତେବେ ମଙ୍ଗଳବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ପ୍ରତୀକ୍ ସିଂ ଏହି ମାମଲାରେ ପୁଲିସର ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ମୁଖ୍ୟ ଅଭିଯୁକ୍ତ ସୁଧାଂଶୁ ମହାପାତ୍ରକୁ ଦୁଇଦିନିଆ ରିମାଣ୍ଡରେ ଅଣାଯିବ। ୭ ଦିନିଆ ରିମାଣ୍ଡ ପାଇଁ ଆବେଦନ କରିଥିଲା ପୁଲିସ। ଅଭିଯୁକ୍ତଙ୍କ ବ୍ୟାଙ୍କ୍ ଆକାଉଣ୍ଟ ଫ୍ରିଜ୍ କରାଯାଇଛି। ପରିବାର ଲୋକେ ମଧ୍ୟ ସ୍କାନରରେ ଅଛନ୍ତି। ଏହାକୁ ଅତି ସାଂଘାତିକ ଅପରାଧିକ ମାମଲା ଭାବେ ପୁଲିସ ନେଇ ତଦନ୍ତ କରୁଛି। ଏହି ଘଟଣାରେ ପୂର୍ବରୁ ୪ଜଣଙ୍କୁ ଗିରଫ କରାଯାଇଥିବା ବେଳେ ସୋମବାର ଜଣକୁ ଗିରଫ କରାଯାଇଥିଲା। ମୁଖ୍ୟ ଅଭିଯୁକ୍ତ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ଘଟଣାରେ ମୋଟ୍ ୬ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିଲା।





ତେବେ ଏହାର ଖୁଲାସା ପାଇଁ ପୁଲିସ ଅଭିଯୁକ୍ତଙ୍କୁ ୭ ଦିନ ରିମାଣ୍ଡରେ ଆଣିବା ପାଇଁ କୋର୍ଟରେ ଅବେଦନ କରିଥିଲା। କିନ୍ତୁ କୋର୍ଟ ୨ଦିନ ପାଇଁ ରିମାଣ୍ଡ ଅନୁମତି ଦେଇଥିବା ଏସ୍ ଶ୍ରୀ ସିଂ ସୂଚନା ଦେଇଛନ୍ତି।

ବୁଧବାର ସକାଳୁ ମୁଖ୍ୟ ଅଭିଯୁକ୍ତକୁ ରିମାଣ୍ଡରେ ଆଣି ଖୋଳତାଡ଼ କରିବ ପୁଲିସ। ମୁଖ୍ୟ ଅଭିଯୁକ୍ତକୁ ଲୁଚାଇବାରେ ସହଯୋଗ କରିଥିବା ଯୁବକ ବଳରାମ ଛୋଟରାୟଙ୍କୁ ପୂର୍ବରୁ ଗିରଫ କରାଯାଇଥିଲା। ମୁଖ୍ୟ ଅଭିଯୁକ୍ତକୁ ଛତିଶଗଡ଼ ରାୟପୁର ସମ୍ପର୍କୀୟଙ୍କ ଘରେ ଲୁଚାଇ ରଖିଥିଲା। ଏ ନେଇ କଣାସ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ହେଡ୍‌କ୍ୱାର୍ଟର୍ସ ଡିଏସ୍‌ପିଙ୍କ ନେତୃତ୍ୱରେ ସବୁ ଦିଗକୁ ନେଇ ତଦନ୍ତ କରାଯାଉଛି। ସାଇଣ୍ଟିଫିକ୍ ଟିମ୍ ଓ ସାଇବର ଟିମ୍ ସମସ୍ତ ତଥ୍ୟ ସଂଗ୍ରହ କରୁଛନ୍ତି। ଆକ୍ରମଣ ଘଟଣାରେ ବ୍ୟବହୃତ ସ୍କୁଟି ଜବତ ହୋଇଛି। ଦୁଇଦିନିଆ ରିମାଣ୍ଡ ସମୟରେ ପୁଲିସ ମୁଖ୍ୟ ଅଭିଯୁକ୍ତଠାରୁ ଆକ୍ରମଣ ଘଟଣାର କାରଣ ସମ୍ପର୍କରେ ଅଧିକ ତଥ୍ୟ ହାସଲ କରିବ। ଏହା ଏକ ସଂଗଠିତ ଅପରାଧ ହୋଇଥିବାରୁ ବାଲି ଚୋରା ଚାଲାଣ କାରଣ ସହ ଅନ୍ୟାନ୍ୟ ସବୁ କାରଣ ତଦନ୍ତ ପରିସରଭୁକ୍ତ ହୋଇଛି ବୋଲି ଏସ୍‌ପି କହିଛନ୍ତି।

- ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ ହୋଇଛି
- ପରିବାର ଲୋକେ ସ୍କାନରରେ ଅଛନ୍ତି

## ବିଧାୟକଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ: ଆପ୍

ପୁରୀ,୧୨।୫(ସମିସ): କଣାସରେ ଯେଉଁଭଳି ବର୍ବରତା ଘଟଣାରେ ସ୍ଥାନୀୟ ବିଧାୟକଙ୍କୁ ତଦନ୍ତ ପରିଭୁକ୍ତ କରିବା ଲାଗି ଦାବି କରିଛି ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍)। ଜିଲ୍ଲା ଆପ୍ ସଭାପତି ସଞ୍ଜୀବ କୁମାର ମହାନ୍ତି ମଙ୍ଗଳବାର ଗଣମାଧ୍ୟମକୁ ଦେଇଥିବା ପ୍ରେସ୍ ବିଜ୍ଞପ୍ତିରେ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶାର ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡ଼ିଗଲାଣି। ପୂର୍ବରୁ ଯେଉଁଭଳି ଅପରାଧ ଆମେ ୟୁପି, ବିହାରରେ ଦେଖିବାକୁ ପାଉଥିଲୁ ତାହା ଆଜି ଆମ ଓଡ଼ିଶାରେ ସାଧାରଣ କଥା ହୋଇଗଲାଣି। ନିକଟରେ କଣାସରେ ଘଟିଥିବା ବୀଭତ୍ସ ହତ୍ୟା ଉଦ୍ୟମର ମୁଖ୍ୟ ଅଭିଯୁକ୍ତ ହାପି ପୁରୀ କୋର୍ଟରେ ଆତ୍ମସମର୍ପଣ କରିଛି। ଗୋଟିଏ ଦିନ ପୂର୍ବରୁ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଅଭିଯୁକ୍ତକୁ ଆତ୍ମସମର୍ପଣ ପାଇଁ ଚେତାବନୀ ଢଙ୍ଗରେ କହିବା, ପୂର୍ବରୁ ଅଭିଯୁକ୍ତଙ୍କ ସହ ବିଧାୟକଙ୍କ ଫଟୋ ସୋସିଆଲ ମିଡିଆରେ ଘୂରି ବୁଲିବା ଏବଂ ଅଭିଯୁକ୍ତ ଆତ୍ମସମର୍ପଣ କରିବା ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି। ଘଟଣାରେ ବିଧାୟକ ଶ୍ରୀ ମିଶ୍ରଙ୍କ ପ୍ରଚ୍ଛଦ ସମ୍ପୃକ୍ତିକୁ ନେଇ ପୂର୍ବତନ ବିଧାୟକ ରମାରଞ୍ଜନ ବଳିଆରସିଂଙ୍କ ମନ୍ତବ୍ୟ ଏହି ସନ୍ଦେହକୁ ଅଧିକ ସୁଦୃଢ଼ କରୁଛି। ତେଣୁ ବିଧାୟକ ଶ୍ରୀ ମିଶ୍ରଙ୍କୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ ଆପ୍ ଦାବି କରୁଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି।

# ରଥ ନିର୍ମାଣ ଅଗ୍ରଗତି ସମୀକ୍ଷା ବୈଠକ



ପୁରୀ,୧୨।୫(ସମିସ): ମଙ୍ଗଳବାର ପୂର୍ବାହ୍ଣ ୧୧ଟା ୩୦ ସମୟରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସଭାକକ୍ଷଠାରେ ରଥ ମୁଖ୍ୟ ମହାରଣା, କମାର, ରୂପକାର, ଭୋଇ ସର୍ଦ୍ଦାର ଓ ଅଧିକାରୀଙ୍କ ସହିତ ରଥ ନିର୍ମାଣ ଅଗ୍ରଗତି ସମୀକ୍ଷା କରିଛନ୍ତି ମୁଖ୍ୟ ପ୍ରଶାସକ। ପରମ୍ପରା ଅନୁସାରେ, ରଥ ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବାବେଳେ ରଥ ନିର୍ମାଣ ସମ୍ପୃକ୍ତ ସେବକ ଓ ଅଧିକାରୀମାନେ ମୁଖ୍ୟ ପ୍ରଶାସକଙ୍କୁ ଅବଗତ କରାଇଥିଲେ। ନିର୍ମାଣ କାର୍ଯ୍ୟର ଅଗ୍ରଗତି ଉପରେ ମୁଖ୍ୟ ପ୍ରଶାସକ ସନ୍ତୋଷ ପ୍ରକାଶ କରିବା ସହ ନିର୍ମାଣ ହୋଇ ସାରିଥିବା ରଥାଂଶଗୁଡ଼ିକ ପ୍ରବଳ ରୌଦ୍ର ତାପରୁ ସୁରକ୍ଷା ଦେବା ପାଇଁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଯଥା ସମୟରେ ରଥ ଦଉଡ଼ି ଇତ୍ୟାଦି ଆବଶ୍ୟକ ଜିନିଷତ୍ ସଂଗ୍ରହ ଉପରେ ମୁଖ୍ୟ ପ୍ରଶାସକ ଗୁରୁତ୍ୱାରୋପ କରି ନିୟମିତ ବ୍ୟବଧାନରେ ରଥ ନିର୍ମାଣ କମିଟି ରଥଖଳା ପରିଦର୍ଶନ କରି ରଥ ନିର୍ମାଣ ତ୍ରୁଟିଶୂନ୍ୟ କରିବାକୁ ପରାମର୍ଶ ଦେଇଥିଲେ।

ଜନଗଣନାରେ ଶ୍ରୀମନ୍ଦିର ସାମିଲ୍

## ସିଂହଦ୍ୱାରରେ ଲାଗିଲା ଗଣନା ନମ୍ବର ୬୫/୦୦୯୯

ପୁରୀ,୧୨।୫(ସମିସ): ବିଶ୍ୱର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ବିଜେସ୍ଥଳୀ ଶ୍ରୀମନ୍ଦିରକୁ ଜନଗଣନା-୨୦୨୭ର ପ୍ରଥମ ପର୍ଯ୍ୟାୟ ଗୃହ ତାଲିକା ଓ ଗୃହ ଗଣନା ପ୍ରକ୍ରିୟାରେ ସାମିଲ୍ କରାଯାଇଛି। ଜନଗଣନା ପ୍ରକ୍ରିୟାରେ ଶ୍ରୀମନ୍ଦିରକୁ ଏକ ଗୃହ ବା ବିଲ୍ଡିଂ ଭାବେ ଗଣନା କରାଯାଇଛି। ସୋମବାର ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରାଙ୍କ ଉପସ୍ଥିତିରେ ଜନଗଣନା ଅଧିକାରୀମାନେ ଶ୍ରୀମନ୍ଦିରକୁ ଆସି ସେଠାରେ ନିୟମ ଅନୁସାରେ ସମସ୍ତ ଲେଖାପଢ଼ା ଓ କାଗଜପତ୍ର ପ୍ରକ୍ରିୟା ସମ୍ପନ୍ନ କରିଛନ୍ତି। ଏହି ସମୟରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ କାନ୍ଥରେ ଶ୍ରୀମନ୍ଦିର ଗଣନା ନମ୍ବର ୬୫/୦୦୯୯ ବୋଲି ଉଲ୍ଲେଖ କରାଯାଇଛି। ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଦେଶରେ ଥିବା ସମସ୍ତ ଗୃହ, ବିଲ୍ଡିଂ ଓ ଅନ୍ୟାନ୍ୟ ଢାଞ୍ଚାର ତାଲିକା ଓ ଗଣନା କରାଯାଉଛି। ଏହି କ୍ରମରେ ପୁରୀ ଶ୍ରୀମନ୍ଦିରକୁ ମଧ୍ୟ ଏକ ଗୃହ ଭାବେ ଚିହ୍ନଟ କରାଯାଇ ଗଣନା ପ୍ରକ୍ରିୟାରେ ସାମିଲ୍ କରାଯାଇଛି। ପୁରୀ ମହାନଗର ନିଗମ କର୍ତ୍ତୃପକ୍ଷ କହିଛନ୍ତି, ଏହା ଜନଗଣନା ନିୟମ ଅନୁସାରେ ଏକ ସାଧାରଣ ପ୍ରକ୍ରିୟା। ଦେଶର ସମସ୍ତ ଧର୍ମୀୟ ଅନୁଷ୍ଠାନ, ସରକାରୀ କୋଠା ଓ ଘରୋଇ ବିଲ୍ଡିଂକୁ ଏହି ପ୍ରକ୍ରିୟାରେ ସାମିଲ୍ କରାଯାଉଛି।



- ଇସ୍କନର ଅଦିନିଆ ରଥଯାତ୍ରାକୁ ନିନ୍ଦା

## ଶ୍ରୀମନ୍ଦିର କ୍ୟାଲେଣ୍ଡରକୁ ଅନୁକରଣ କରିବାକୁ ପରାମର୍ଶ

ପୁରୀ,୧୨।୫(ସମିସ): ଅଦିନିଆ ସ୍ନାନଯାତ୍ରା ଓ ରଥଯାତ୍ରା ଆୟୋଜନ କରି ଜଗନ୍ନାଥ ସଂସ୍କୃତିକୁ ଅବମାନନା କରାଯାଉଛି। ଇସ୍କନ ବାରମ୍ବାର ଏ କ୍ଷେତ୍ରରେ ଅମାନିଆ ହେଉଛି। ବିଦେଶ ପରେ ଏବେ ଦେଶ ଭିତରେ ଉତ୍ତରପ୍ରଦେଶରେ ଅତିଥିରେ ରଥଯାତ୍ରା ଆୟୋଜନ ହେବା ନେଇ ପ୍ରଚାର କରାଯାଉଛି। ଏନେଇ ସମଗ୍ର ବିଶ୍ୱରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରର ପରିଚାଳନା ସଂସ୍ଥା ତିଥି ଅନୁଯାୟୀ, ରଥଯାତ୍ରା ପାଳନ କରିବାକୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ଅନ୍ତତଃ ସବୁ ତିଥି ନ ମାନିପାରିଲେ ମଧ୍ୟ କିଛି ପ୍ରମୁଖ ତିଥିକୁ ମାନ୍ୟତା ଭିତ୍ତିରେ ମହାପ୍ରଭୁଙ୍କ ଯାନିଯାତ୍ରା ଆୟୋଜନ କରିବାକୁ କୁହାଯାଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରକାଶ ପାଇଥିବା ବାର୍ଷିକ କ୍ୟାଲେଣ୍ଡରରେ ସୂଚିତ କିଛି ପର୍ବ ନିର୍ଦ୍ଧାରିତ ତିଥିରେ ପାଳନ କରିବାକୁ କୁହାଯାଇଛି। ମହାବିଷୁବ ସଂକ୍ରାନ୍ତି, ଅକ୍ଷୟ ତୃତୀୟା, ନୀଳାଦ୍ରି ମହୋଦୟାଷ୍ଟମୀ, ନୃସିଂହ ଜନ୍ମ, ରୁକ୍ମିଣୀ ହରଣ ଏକାଦଶୀ, ସ୍ନାନଯାତ୍ରା ଓ ଗଜାନନ ବେଶ, ନେତ୍ରୋତ୍ସବ, ଗୁଣ୍ଡିଚା ଯାତ୍ରା, ଦକ୍ଷିଣାୟନ ସଂକ୍ରାନ୍ତି, ବାହୁଡ଼ା ଯାତ୍ରା, ଶ୍ରୀହରିଶୟନ ଏକାଦଶୀ, ଶ୍ରୀବଳଭଦ୍ର ଜନ୍ମ, ଜନ୍ମାଷ୍ଟମୀ, ଗଣେଶ ଚତୁର୍ଥୀ, ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ, ବାମନ ଜନ୍ମ, ଦଶହରା ଓ ଆୟୁଧ ପୂଜା, କାର୍ତ୍ତିକ ପୂର୍ଣ୍ଣିମା, ପ୍ରାବରଣ ବା ଓଢ଼ଣ ଷଷ୍ଠୀ, ଦେବାଭିଷେକ, ବସନ୍ତ ପଞ୍ଚମୀ, ମହାଶିବରାତ୍ରି, ଦୋଳପୂର୍ଣ୍ଣିମା ଭଳି ପ୍ରାୟ ୨୫ଟି ପର୍ବ ନିର୍ଦ୍ଧାରିତ ତିଥିରେ ପାଳନ କରିବାକୁ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପୂର୍ବରୁ ବିଭିନ୍ନ ଦେଶରେ ଅଦିନରେ ରଥଯାତ୍ରା ହୋଇସାରିଛି। ପୁଣି ଅନେକ ଜାଗାରେ ଅତିଥିରେ ହେବାକୁ ଯାଉଛି। ଯେପରି ଏଥିରୁ ଜଗନ୍ନାଥ ମନ୍ଦିର ପରିଚାଳନା ଅଧିକାରୀମାନେ କ୍ଷାନ୍ତ ରହିବେ ସେନେଇ ଇସ୍କନ ମୁଖ୍ୟାଳୟ ପକ୍ଷରୁ ସମସ୍ତ ଇସ୍କନ ପରିଚାଳନା ଜଗନ୍ନାଥ ମନ୍ଦିର ସଂସ୍ଥାନକୁ ଚିଠି କରିବାକୁ କୁହାଯାଇଛି।

- ଏନ୍‌ଜିଟିରେ ସତ୍ୟପାଠ ଦାଖଲ କଲା 'ସିଆ'

## ପରିବେଶ ମଞ୍ଜୁରି ନ ଥାଇ ସ୍ୱାମୀ ନାରାୟଣ ଟ୍ରଷ୍ଟ କରିଛି ନିର୍ମାଣ

ପୁରୀ,୧୨।୫(ସମିସ): ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାୟନ କର୍ତ୍ତୃପକ୍ଷ (ସିଆ), ଓଡ଼ିଶା ପକ୍ଷରୁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍ (ଏନ୍‌ଜିଟି), ପୂର୍ବାଞ୍ଚଳ ବେଞ୍ଚ, କୋଲକାତାଙ୍କ ନିକଟରେ ସତ୍ୟପାଠ ଦାଖଲ ହୋଇଛି। ଏଥିରେ କୁହାଯାଇଛି ଯେ, ସ୍ୱାମୀ ନାରାୟଣ ଟ୍ରଷ୍ଟ ପୂର୍ବ ପରିବେଶ ମଞ୍ଜୁରି ନ ନେଇ ନିର୍ମାଣ କାର୍ଯ୍ୟ କରିଛି। ଏହି ଘଟଣା ରାଜ୍ୟରେ ପରିବେଶଗତ ଆଇନର ଅନୁପାଳନକୁ ନେଇ ଗଭୀର ପ୍ରଶ୍ନ ଉଠାଇଛି।

ଏନ୍‌ଜିଟିରେ ଚାଲୁଥିବା ଆବେଦନ ନମ୍ବର ୧୨/୨୦୨୬/ଇଜେଡ୍ ମାମଲାରେ 'ସିଆ' ପକ୍ଷରୁ ଦାଖଲ ହୋଇଥିବା କାଉଣ୍ଟର ଆଫିଡେଭିଟ୍‌ରେ ପରିବେଶ ସମ୍ବନ୍ଧୀୟ ଆଇନ ଓ ନିୟମାବଳୀର ଉଲ୍ଲେଖ କରାଯାଇଛି। ବିଶେଷ କରି ୮/୮/୨୦୧୯ ତାରିଖର ଭାରତ ସରକାରଙ୍କ ଏକ ଅଫିସ୍ ମେମୋରାଣ୍ଡମ୍‌କୁ ଆଧାର କରି କୁହାଯାଇଛି ଯେ, ଜାତୀୟ ଉଦ୍ୟାନ ଓ ଅଭୟାରଣ୍ୟ ନିକଟସ୍ଥ ଅଞ୍ଚଳରେ ହେଉଥିବା ପ୍ରକଳ୍ପ ପାଇଁ ପୂର୍ବରୁ ପରିବେଶ ଓ ବନ୍ୟଜନ୍ତୁ ସମ୍ପର୍କିତ ମଞ୍ଜୁରି ନେବା ଆବଶ୍ୟକ। 'ସିଆ'ର ଏହି ସତ୍ୟପାଠ ବେଶ୍ ଗୁରୁତ୍ୱପୂର୍ଣ୍ଣ। କାରଣ ଏଥିରେ ପ୍ରକଳ୍ପ ପକ୍ଷରୁ ଆବଶ୍ୟକ ପରିବେଶ ଅନୁମତି ବିନା ନିର୍ମାଣ ହୋଇଥିବା ତଥ୍ୟ ସ୍ପଷ୍ଟ ହୋଇଛି। ଏହା ପରିବେଶ ପ୍ରଭାବ ମୂଲ୍ୟାୟନ (ଇଆଇଏ) ନିୟମାବଳୀର ଖୋଲା ଉଲ୍ଲଂଘନ। ଏହି ମାମଲାରେ ଆବେଦନକାରୀ ଭାବେ ସଞ୍ଜୀବ ମହାନ୍ତି ଓ ସନ୍ତୋଷ ମହାନ୍ତିଙ୍କ ପକ୍ଷରୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ଶ୍ରୀ ଅଖଣ୍ଡ ମାମଲା ପରିଚାଳନା କରୁଛନ୍ତି। ସେ କହିଛନ୍ତି ଯେ, ପରିବେଶ ସୁରକ୍ଷା ପାଇଁ ରହିଥିବା ଆଇନକୁ ଅମାନ୍ୟ କରି କୌଣସି ପ୍ରକଳ୍ପ କାର୍ଯ୍ୟ କରାଯିବା ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଓ ପରିବେଶ ସୁରକ୍ଷା ନୀତି ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ଆଇନ ଅନୁଯାୟୀ ଆବଶ୍ୟକ ଅନୁମତି ବିନା ନିର୍ମାଣ କାର୍ଯ୍ୟ କରାଯିବା ଗୁରୁତର ବିଷୟ। ତେଣୁ ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ସ୍ୱାମୀ ନାରାୟଣ ଟ୍ରଷ୍ଟର କୌଣସି ପ୍ରତିକ୍ରିୟା ମିଳିନାହିଁ।

## ନର୍ସମାନେ ମାନବିକତାର ପ୍ରତୀକ

ପୁରୀ,୧୨।୫(ସମିସ): ବାଲିଗୁଆଳିସ୍ଥିତ ପ୍ରିୟଦର୍ଶିନୀ କଲେଜ ଅଫ୍ ନର୍ସିଂ ଆଣ୍ଡ ଆଲଏଡ୍ ହେଲ୍‌ଥ ସାଇନ୍ସ ମହାବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ନର୍ସ ଦିବସ ପାଳିତ ହୋଇଯାଇଛି। ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟର ଫୋରନ୍‌ସିକ୍ ମେଡିସିନ ବିଭାଗର ମୁଖ୍ୟ ଡା. ଅମରେନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ନର୍ସମାନେ ମାନବିକତାର ପ୍ରତୀକ। ବୈଷୟିକ ଯୁଗରେ ନିଜକୁ ଆଧୁନିକତା ସହିତ ଖାପଖୁଆଇ ଆନ୍ତରିକ ସହିତ ସେବା ପ୍ରଦାନ କରିବା ବାଞ୍ଛନୀୟ। ମୁଖ୍ୟବକ୍ତା ସାସ୍ୱତୀ ନର୍ସିଂ ସ୍କୁଲର ଅବସରପ୍ରାପ୍ତ ଅଧ୍ୟକ୍ଷା ବିଦ୍ୟୁଲତା ମିଶ୍ର ନିଃସ୍ୱାର୍ଥପର ଭାବ ଓ ଉତ୍ସର୍ଗୀକୃତ ମନୋଭାବ ନେଇ ରୋଗୀଙ୍କୁ ସେବା କରିପାରିଲେ ନିଜର ପ୍ରଫେସନକୁ ଆଗକୁ ବଢ଼ାଇପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଫାର୍ମାସୀ ମହାବିଦ୍ୟାଳୟର ଅଧକ୍ଷ ଡା. ଅମୀୟକାନ୍ତ ମିଶ୍ର ଡାକ୍ତର ରୋଗୀକୁ ରୋଗମୁକ୍ତ କରିବା ପାଇଁ ଔଷଧ ଲେଖନ୍ତି। କିନ୍ତୁ ନର୍ସ ନିଜର ସେବା, ଯତ୍ନ ଓ ମଧୁର ବ୍ୟବହାର ଦ୍ୱାରା ରୋଗୀକୁ ନୂଆ ଜୀବନ ଦେଇଥା'ନ୍ତି ବୋଲି କହିଥିଲେ। ଅନ୍ୟତମ ଅତିଥି ତଥା ଫାର୍ମାସୀ ମହାବିଦ୍ୟାଳୟର ଏକାଡେମିକ୍ ନିର୍ଦ୍ଦେଶକ ଡ. ସନ୍ତୋଷ କୁମାର ମହାପାତ୍ର ନର୍ସମାନଙ୍କର ଭାଷା, ବ୍ୟବହାର ଓ ଅନ୍ତର୍ନିହିତ ଶକ୍ତି ଜାଗ୍ରତ କରି ସେବା କରିବା ଲାଗି ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ମନୋରମା ଶତପଥୀ ଆଧୁନିକ ନର୍ସିଂ ସେବାର ଜନନୀ ଫ୍ଲୋରେନ୍ସ ନାଇଟେଙ୍ଗଲଙ୍କ ଜନ୍ମଦିନରେ ତାଙ୍କର ତ୍ୟାଗ ଓ ନିଷ୍ଠାକୁ ଆଦର୍ଶ ରୂପେ ପାଳନ କରିବା ପାଇଁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ଅନ୍ୱେଷା ଦାଶ ଅତିଥି ପରିଚୟ, ସ୍ୱାଗତ ଭାଷଣ ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ

## ଅଧ୍ୟାପକଙ୍କ ବିରୋଧରେ ଜାତିଗତ ବିଭେଦ ଅଭିଯୋଗ ଆଣିଲେ ଛାତ୍ରଛାତ୍ରୀ

ପୁରୀ,୧୨।୫(ସମିସ): ଶିକ୍ଷାନୁଷ୍ଠାନରେ ଜାତିଗତ ବିଭେଦ ଭଳି ସଙ୍ଗୀନ ଅଭିଯୋଗ। ଏହି ଅଭିଯୋଗ କରିଛନ୍ତି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଶ୍ରୀସଦାଶିବ ପରିସରର ଛାତ୍ରଛାତ୍ରୀ। ଏହାକୁ ବିରୋଧ କରି ମଙ୍ଗଳବାର ଛାତ୍ରଛାତ୍ରୀମାନେ ଶାନ୍ତିପୂର୍ଣ୍ଣ ଗଣଧାରଣା ଦେଇଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ,



ଶିକ୍ଷାଶାସ୍ତ୍ର ବିଭାଗର ଜନୈକ ଅଧ୍ୟାପକ ଜଣେ ଛାତ୍ରଙ୍କୁ ଏକ ବୈଠକ ସମୟରେ ଅସମ୍ମାନଜନକ ଭାଷା ପ୍ରୟୋଗ କରିଥିଲେ। ଅନୁସୂଚିତ ଜାତି ଓ ଜନଜାତି ଆଇନ ନାମରେ ଧମକ ପ୍ରଦାନ କରିଥିଲେ। ଏଥିସହିତ 'ରାମାୟଣର ଉତ୍ତରକାଣ୍ଡ' ପରି ପବିତ୍ର ଧାର୍ମିକ ଗ୍ରନ୍ଥକୁ ବିବାଦୀୟ ପରିପ୍ରେକ୍ଷୀରେ ଉଲ୍ଲେଖ କରାଯିବା ଏବଂ ଧାର୍ମିକ ଭାବନାକୁ ଆଘାତ ପହଞ୍ଚାଉଥିବା କିଛି ମତାମତ ପ୍ରତି ଛାତ୍ରଛାତ୍ରୀମାନେ ଗଭୀର ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେହିପରି ଆମ ଆରାଧ୍ୟ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅପମାନିତ କରୁଥିବା ମତାମତ ପ୍ରତି ମଧ୍ୟ ଛାତ୍ର ସମାଜ ତୀବ୍ର ବିରୋଧ ପ୍ରକାଶ କରିଥିଲେ।

ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା ଯେ, ପରିସରରେ କୌଣସି ପରିସ୍ଥିତିରେ ମଧ୍ୟ ଜାତିଗତ ଭେଦଭାବ, ସାମାଜିକ ବିଭେଦ ଓ ଧାର୍ମିକ ଅସହିଷ୍ଣୁତାକୁ ପ୍ରୋତ୍ସାହନ ଦିଆଯିବା ଉଚିତ୍ ନୁହେଁ। ସମାନତା, ସୌହାର୍ଦ୍ଦ୍ୟ ଓ ପାରସ୍ପରିକ ସମ୍ମାନ ଆଧାରରେ ଏକ ସୁସ୍ଥ ଏବଂ ସ୍ୱଚ୍ଛ ଶିକ୍ଷାମୂଳକ ପରିବେଶ ଗଠନ କରାଯିବା ଆବଶ୍ୟକ। ପରବର୍ତ୍ତୀ ସମୟରେ ପରିସର ନିର୍ଦ୍ଦେଶକ, ସହ ନିର୍ଦ୍ଦେଶକମାନେ, ଟାଉନ୍ ଥାନାଧିକାରୀ, ଅନ୍ୟାନ୍ୟ ଅଧ୍ୟାପକ ଓ ଛାତ୍ର ପ୍ରତିନିଧିମାନଙ୍କ ଉପସ୍ଥିତିରେ ଏକ ଆପୋଷ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ପରିସରର ନିର୍ଦ୍ଦେଶକ ଛାତ୍ରଛାତ୍ରୀମାନଙ୍କୁ ଆଶ୍ୱାସନା ଦେଇ କହିଥିଲେ ଯେ, ଏହି ସମସ୍ତ ବିଷୟର ନିରପେକ୍ଷ ତଦନ୍ତ କରାଯାଇ ଶୀଘ୍ର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ଛାତ୍ର ପ୍ରତିନିଧିମାନଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା ଯେ, ଯଦି ସମସ୍ୟାଗୁଡ଼ିକର ସୁଚିନ୍ତିତ ଏବଂ ନ୍ୟାୟସଙ୍ଗତ ସମାଧାନ କରାଯିବ ନାହିଁ ତେବେ ଆଗାମୀ ଦିନରେ ଛାତ୍ର ସମାଜ ପୁନର୍ବାର ଗଣବିକ୍ଷୋଭ ଓ ଗଣତାନ୍ତ୍ରିକ ପ୍ରତିବାଦକୁ ଆହୁରି ତୀବ୍ର କରିବ।

ସମୁଦ୍ର ସ୍ନାନ ବେଳେ ବିଭିନ୍ନ ସେକ୍ଟରରେ ଅଘଟଣ

## ଦିନକରେ ୨୦ ପର୍ଯ୍ୟଟକଙ୍କୁ ଉଦ୍ଧାର କଲେ ଲାଇଫ୍‌ଗାର୍ଡ

ପୁରୀ,୧୨।୫(ସମିସ): ପୁରୀ ସମୁଦ୍ରର ବିଭିନ୍ନ ସେକ୍ଟରରେ ବୁଡ଼ିଯାଉଥିବା ବେଳେ ମଙ୍ଗଳବାର ଲାଇଫ୍‌ଗାର୍ଡ ୨୦ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକଙ୍କୁ ଉଦ୍ଧାର କରିଛନ୍ତି। ୭ ନମ୍ବର୍ ସେକ୍ଟର ମହୋଦଧି ପ୍ୟାଲେସ୍ ସମ୍ମୁଖରେ ଗାଧୋଉଥିବା ବେଳେ ବୁଡ଼ିଯାଉଥିବା ୩ ପର୍ଯ୍ୟଟକଙ୍କୁ ଉଦ୍ଧାର କରାଯାଇଥିଲା। ସେମାନେ ହେଲେ ପଶ୍ଚିମବଙ୍ଗ ପାନଗଡ଼ର ଦୀପ ରାୟ, ଅରଜିତ୍ ପାଞ୍ଜା ଓ ଅଭିଜିତ୍ ପାଞ୍ଜା। ସେହିପରି ୩ ନମ୍ବର୍ ସେକ୍ଟର ବାଳାନନ୍ଦ ଆଶ୍ରମ ସମ୍ମୁଖରେ ବୁଡ଼ିଯାଉଥିବା ହର୍ଷିତ୍ କୁମାର, ସିଦ୍ଧାର୍ଥ ମାଣିକପୁରୀ, ୟନେଶ୍ ସାହୁ, ଡୋମେଶ୍ୱର ସାହୁଙ୍କୁ ଉଦ୍ଧାର କରାଯାଇଛି। ଏମାନେ ହେଲେ ଛତିଶଗଡ଼ ରାଜ୍ୟର। ସେହି ୩ ନମ୍ବର୍ ସେକ୍ଟରରୁ କଟକର ପରମେଶ୍ୱର ଦାସ ଓ ସୁନ୍ଦରଗଡ଼ର ମାଧବେନ୍ଦ୍ର ନାୟକଙ୍କୁ ଉଦ୍ଧାର କରାଯାଇଛି। ବ୍ଲୁ ଫ୍ଲାଗ୍ ବିଚ୍‌ରେ ଗାଧୋଉଥିବାବେଳେ ବୁଡ଼ିଯାଉଥିବା ଯାଜପୁର ମଙ୍ଗଳପୁର ଅଞ୍ଚଳର ପିଣ୍ଟୁ ସାହୁ ଓ ଚନ୍ଦନ ସାହୁଙ୍କୁ ଉଦ୍ଧାର କରାଯାଇଛି। ଏମାନେ ଦୁଇ ଭାଇ ବୋଲି ଜଣାପଡ଼ିଛି। ସେହିପରି ୬ ନମ୍ବର୍ ସେକ୍ଟର ହୋଟେଲ ସ୍ୱପ୍ନପୁରୀ ସମ୍ମୁଖରେ ଗାଧୋଉଥିବା ବେଳେ ବୁଡ଼ିଯାଉଥିବା ୫ ଜଣଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ପର୍ଯ୍ୟଟକ ହେଲେ ଝାରସୁଗୁଡ଼ା ଓ ନୟାଗଡ଼ ଅଞ୍ଚଳର ମହମ୍ମଦ, ଓମ୍‌ଶ୍ରୀ ଜେନା, ପ୍ରିୟମ୍ ପ୍ରତିଜ୍ଞା ସୁବୁଦ୍ଧି, ସୌମ୍ୟରଞ୍ଜନ, ଚିତ୍ତ ସ୍ୱରୂପ ଦାସ। ୧୩ ନମ୍ବର ସେକ୍ଟର ସମୁଦ୍ରରୁ ବିହାର ଭାଗଲପୁର ଅଞ୍ଚଳର ଶିବମ୍ କୁମାର, ବ୍ଲୁ ଫ୍ଲାଗ ବିଚ୍‌ରୁ ରବିନ୍ ସିଂହଙ୍କୁ ଉଦ୍ଧାର କରାଯାଇଛି। ଗୋଟିଏ ଦିନରେ ଏତେ ସଂଖ୍ୟାରେ ପର୍ଯ୍ୟଟକ ଉଦ୍ଧାର ହେବା ପ୍ରଥମ ଘଟଣା ବୋଲି କୁହାଯାଉଛି। ସମୁଦ୍ରରେ ରିପ୍ କରେଣ୍ଟ ଯୋଗୁଁ ଏଭଳି ଘଟଣା ଘଟିଛି। ଲାଇଫ୍ ଗାର୍ଡ ସମସ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ଯୋଗୁଁ ଅନେକ ଜୀବନ ସୁରକ୍ଷିତ ହୋଇପାରିଛି।



ଅସୁରକ୍ଷିତ ବାଲୁଖଣ୍ଡ ହରିଣ

# ଗାଡ଼ି ଧକ୍କାରେ ରାସ୍ତାରେ ଚାଲିଗଲା ଜୀବନ

ଜଙ୍ଗଲରେ ଖାଦ୍ୟ, ପାନୀୟ ଅଭାବ ! | ଜନବସତିମୁହାଁ ବେଳେ ବିପଦରେ ପଡୁଛନ୍ତି

ପୁରୀ,୧୨।୫(ସମିସ)

ଅସୁରକ୍ଷିତ ହୋଇପଡ଼ିଛନ୍ତି ବାଲୁଖଣ୍ଡ ଅଭୟାରଣ୍ୟର ହରିଣ। ବିଭିନ୍ନ ସମୟରେ ଏଭଳି ଅଭିଯୋଗ ଆଣିଥା'ନ୍ତି ପରିବେଶବିତ୍। ମଙ୍ଗଳବାର ଗାଡ଼ି ଧକ୍କାରେ ରାସ୍ତାରେ ଗୋଟିଏ ହରିଣର ଜୀବନ ଚାଲିଯିବା ଏହାକୁ ସ୍ପଷ୍ଟ କରୁଛି। ବାଲୁଖଣ୍ଡ ଅଭୟାରଣ୍ୟରେ ବିଭିନ୍ନ ପ୍ରକାର ଜୀବଜନ୍ତୁ ରହୁଥିଲେ ମଧ୍ୟ ଏଠାରେ ପ୍ରମୁଖ ଆକର୍ଷଣ ହେଉଛନ୍ତି ଚିତ୍ରା ହରିଣ। କିନ୍ତୁ ଏମାନଙ୍କୁ ଜଙ୍ଗଲରେ ପର୍ଯ୍ୟାପ୍ତ ଖାଦ୍ୟ ଓ ପାନୀୟ ମିଳୁନାହିଁ ବୋଲି ପୂର୍ବରୁ ଅଭିଯୋଗ ହୋଇଆସୁଛି। ଜଙ୍ଗଲ ବିଭାଗ ଅଭିଯୋଗକୁ ଗୁରୁତ୍ୱର ସହ ନେଉ ନ ଥିବାରୁ ବିଭିନ୍ନ ସମୟରେ ବାଟ ହୁଡୁଛନ୍ତି ହରିଣ। ଅନେକ ସମୟରେ ଖାଦ୍ୟ, ପାନୀୟ ଆଶାରେ ଜନବସତିମୁହାଁ ହେଉଥିବା ହରିଣ ବିପଦରେ ପଡୁଛନ୍ତି। କେତେବେଳେ ବୁଲା କୁକୁରଙ୍କ ଶିକାର ହେଉଛନ୍ତି ତ ପୁଣି କେତେବେଳେ ଗାଡ଼ି ଦୁର୍ଘଟଣା ଏପରି କି ଡ୍ରେନ୍‌ରେ ପଡ଼ି ଏମାନଙ୍କ ଜୀବନ ଯାଉଛି। ଏମିତି ବି ମଣିଷଙ୍କ ଦ୍ୱାରା ଏମାନେ ଶିକାର ହେବାର ଦୃଷ୍ଟାନ୍ତ ରହିଛି।



ପୁରୀ-କୋଣାର୍କ ମେରାଇନ ଡ୍ରାଇଭ୍ ରୋଡ୍‌ରେ ଅବସ୍ଥିତ ବାଲୁଖଣ୍ଡ ଅଭୟାରଣ୍ୟ। ଦ୍ରୁତ ସହରୀକରଣ ଯୋଗୁଁ ଏହା ମଧ୍ୟରେ ରହୁଥିବା ଜୀବଜନ୍ତୁଙ୍କ ଜୀବନଶୈଳୀ ପ୍ରଭାବିତ ହେବାରେ ଲାଗିଛି। ବିଶେଷକରି ହରିଣଙ୍କ ପାଇଁ ଖାଦ୍ୟ ସଙ୍କଟ ଯୋଗୁଁ ବେଳେବେଳେ ସେମାନେ ମୃତାହତ ହେଉଛନ୍ତି। ପୂର୍ବରୁ ହରିଣଙ୍କୁ ଯେଉଁଭଳି ପର୍ଯ୍ୟାପ୍ତ ସବୁଜ ଘାସ ମିଳୁଥିଲା ଫନୀ ବାତ୍ୟା ପରେ ସେଭଳି ଆଉ ମିଳୁନାହିଁ। ସମାନ ଭାବେ ଚୁଆ, ପୋଖରୀରେ ମଧ୍ୟ ହରିଣଙ୍କ ପିଇବା ପାଇଁ ଆବଶ୍ୟକ ପାଣି ମିଳୁନାହିଁ। ବର୍ତ୍ତମାନ ଖରାଦିନ ଯୋଗୁଁ କିଛି ଚୁଆ, ପୋଖରୀ ବି ଶୁଖିଗଲାଣି। ସିମେଣ୍ଟ କୁଣ୍ଡ ବି ଶୋଷ ମେଣ୍ଟାଇପାରୁନି। ତେଣୁ ଖାଦ୍ୟ, ପାନୀୟ ଅନ୍ୱେଷଣରେ ଜଙ୍ଗଲ ବାହାରକୁ ଗଲେ ଅନେକ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ମଙ୍ଗଳବାର ପୂର୍ବାହ୍ଣ ପ୍ରାୟ ୧୦ଟା ସମୟରେ ଜଙ୍ଗଲ ଛାଡ଼ି ଜନବସତିମୁହାଁ ହୋଇଥିବା ଏକ ଅଣ୍ଡିରା ହରିଣର ଗାଡ଼ି ଧକ୍କାରେ ମୃତ୍ୟୁ ଘଟିଛି। ମାଳତୀପାଟପୁର ବସ୍‌ଷ୍ଟାଣ୍ଡ ନିକଟରେ ହରିଣଟି ଜାତୀୟ ରାଜପଥ ଅତିକ୍ରମ କରୁଥିବାବେଳେ ଦୁଇଟି ଗାଡ଼ି ବାଡ଼େଇଥିଲେ। ଛଟପଟ ହୋଇ ରାସ୍ତାରେ ହିଁ ଚାଲିଯାଇଥିଲା ତା' ଜୀବନ। ପଥଚାରୀଙ୍କଠାରୁ ଖବର ପାଇ ବନ ବିଭାଗ ତାକୁ ନିଜ ହେପାଜତକୁ ଆଣିବା ପରେ ବ୍ୟବଚ୍ଛେଦ କରି ପୋତି ଦିଆଯାଇଛି। ଏ ନେଇ ବାଲୁଖଣ୍ଡ ରେଞ୍ଜର ପ୍ରଦୀପ୍ତ ମହାନ୍ତିଙ୍କୁ ପଚାରିବାରେ, ଗାଡ଼ି ଧକ୍କାରେ ମରିଥିବା ହରିଣଟି ବାଲୁଖଣ୍ଡର ନୁହେଁ। ତାହା ସାକ୍ଷୀଗୋପାଳ ଅଞ୍ଚଳର ବୋଲି କହିଛନ୍ତି। ତେବେ ଏହାକୁ ଗ୍ରହଣ କରିପାରିନାହାନ୍ତି ପରିବେଶବିତ୍। ବନ ବିଭାଗ ପ୍ରଥମେ ହରିଣମାନେ ଯେପରି ବାହାରକୁ ନ ଯିବେ ତା' ବ୍ୟବସ୍ଥା ଆଗ କରୁ ବୋଲି କହିଛନ୍ତି।

## ଇନ୍‌ଷ୍ଟାଗ୍ରାମ୍ ପ୍ରେମରୁ ହତ୍ୟା ଅଭିଯୋଗ

# ନ୍ୟାୟ ଦାବିରେ ଗଣିଆ-କଣ୍ଟିଲୋ ରାସ୍ତାରୋକ





ଗଣିଆ,୧୨।୫(ସମିସ)

ରାଜ୍ୟରେ ଦିନକୁ ଦିନ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ନୟାଗଡ ଜିଲ୍ଲାରେ ଦୁଇଟି ହତ୍ୟାକାଣ୍ଡ ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ସୋମବାର ଅପରାହ୍ନରେ ଗଣିଆ ଥାନା ଅନ୍ତର୍ଗତ ବାଲିସାହି-ଏରୁଣ୍ଡିପଥର ରାସ୍ତା କଡ଼ରୁ ମିଳିଥିଲା ଜଣେ ଯୁବକର ଅର୍ଦ୍ଧଦଗ୍ଧ ମୃତଦେହ। ଯୁବକର ଡାହାଣ ହାତରେ ସଞ୍ଜୟ ଲେଖାଥିବା ଖବର ପ୍ରସାରିତ ହେବା ପରେ ଯୁବକର ପରିବାରବର୍ଗ ଘଟଣାସ୍ଥଳରେ ପହଞ୍ଚି ଶବ ଚିହ୍ନଟ କରିବା ସହିତ ଯୁବକ ଜଣକ ଢୋଲମରା ପଞ୍ଚାୟତ କନ୍ଧମିରିଗି ଗ୍ରାମର ସଞ୍ଜୟ ପ୍ରଧାନ ବୋଲି ଜଣାପଡ଼ିଥିଲା। ଯୁବକଙ୍କ ମା ଡଲି ପ୍ରଧାନଙ୍କ ଅଭିଯୋଗ ଆଧାରରେ ଗଣିଆ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ଜହୋଇଛି।

ମୃତକଙ୍କ ମା'ଙ୍କ କହିବା ଅନୁଯାୟୀ, ତାଙ୍କ ପୁଅ ଇନ୍‌ଷ୍ଟାଗ୍ରାମରୁ ବାଲିସାହି ଅଞ୍ଚଳର ଜଣେ ବିବାହିତ ମହିଳାଙ୍କୁ ଭଲ ପାଉଥିଲା। ଏପରିକି ଉକ୍ତ ମହିଳା ଦୁଇ ଦୁଇ ଥର ତାଙ୍କ ପୁଅ ଭୁବନେଶ୍ୱରରେ ରହୁଥିବା ଭଡ଼ାଘରକୁ ଯାଇ ରହିଥିଲେ। ୧୮ ବର୍ଷର ପୁଅକୁ ପ୍ରେମ ଜାଲରେ ଫସାଇ ଟଙ୍କା ହଡ଼ପ କରିବା ଆଶାରେ ତା ସହିତ ସମ୍ପର୍କ ଗଢ଼ିଥିଲେ ମହିଳା। ମହିଳାଙ୍କର ଗୋଟିଏ ଝିଅ ଥିବାବେଳେ ସେ ପୁଅ ପାଖକୁ ବାରମ୍ବାର କାହିଁକି ଆସୁଛି ବୋଲି ପୁଅଘର ପରିବାର ଲୋକେ ତାକୁ କହିଥିବା ବେଳେ ଦୁଇବର୍ଷ ଗଲେ ମୁଁ ତୁମ ପୁଅକୁ ବିବାହ କରିବି ବୋଲି ମହିଳା ଜଣକ ପ୍ରକାଶ କରିଥିଲେ। ରବିବାର ସକାଳେ ପୁଅ ଭୁବନେଶ୍ୱରରେ କାମ କରୁଥିବା ସ୍ଥାନରୁ ଚାଲି ଆସିଥିବା ମା' ଜାଣିବା ପରେ ପୁଅକୁ ଫୋନ୍ ଲଗାଇଥିଲେ ମଧ୍ୟ ଫୋନ୍ ଲାଗିନଥିଲା। ସୋମବାର ସନ୍ଧ୍ୟାରେ ପୁଅର ଅର୍ଦ୍ଧଦଗ୍ଧ ମୃତଦେହ ମିଳିବା ପରେ ପୁଅକୁ ଉକ୍ତ ମହିଳାର ମା, ବାପା ଓ ସ୍ୱାମୀ ମିଳିମିଶି ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା ସେ ଅଭିଯୋଗ କରିଥିଲେ। ମୃତକର ଦେହସାରା ଜଳିପୋଡ଼ି ଯାଇଥିବା ଦେଖିବାକୁ ମିଳିଥିଲା। ମଙ୍ଗଳବାର ଘଟଣାସ୍ଥଳରେ

### ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍‌ର ତନାଘନା

ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଜାରି ରଖିଥିଲେ। ତେବେ ଶବ ବ୍ୟବଚ୍ଛେଦ କରିବାକୁ ପଠାଇବା ପାଇଁ ପୁଲିସ ପ୍ରସ୍ତୁତ ହେଉଥିବା ବେଳେ ଗ୍ରାମବାସୀ ରାଜି ହୋଇ ନ ଥିଲେ। ଏପରିକି ବସ୍‌ଷ୍ଟାଣ୍ଡ ନିକଟରେ ଗଣିଆ କଣ୍ଟିଲୋ ଭୁବନେଶ୍ୱର ମୁଖ୍ୟ ରାସ୍ତାକୁ ଅବରୋଧ କରି ବସି ରହିଥିଲେ। ଦୀର୍ଘ ୬ ଘଣ୍ଟା ଧରି ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ମୋଟର ଅଟକି ରହିଥିଲା। ଘଟଣାରେ ସମ୍ପୃକ୍ତ ଦୋଷୀଙ୍କୁ ତୁରନ୍ତ ଗିରଫ କରା ନ ଗଲେ ସେମାନେ ରାସ୍ତାରୁ ହଟିବେ ନାହିଁ ବୋଲି ଚେତାବନୀ ଦେଇଥିଲେ। ଖବରପାଇ ଅତିରିକ୍ତ ଏସ୍‌ପି ଜ୍ୟୋତି ରଞ୍ଜନ ସାମନ୍ତରାୟ, ଏସ୍‌ଡିପିଓ ସୁଦୀପ୍ତ କୁମାର ସାହୁ, ତହସିଲଦାର ଐଶ୍ୱର୍ଯ୍ୟା ପୃଷ୍ଟେଠ୍,ବହୁ ସ୍ଥାନୀୟ ନେତା, ନୟାଗଡ଼ ଜିଲ୍ଲାର ବିଭିନ୍ନ ଥାନା ଅଧିକାରୀ ଏବଂ ପୁଲିସ ଫୋର୍ସ ପହଞ୍ଚିଥିଲେ। ଘଟଣାରେ ସଂପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଦୁଇଦିନ ଭିତରେ ଗିରଫ କରିବାକୁ ଅତିରିକ୍ତ ଏସ୍‌ପି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା। ଶବ ବ୍ୟବଚ୍ଛେଦ ପାଇଁ କଟକ ପଠାଯିବ ବୋଲି ସେ ଜଣାଇଥିଲେ। ମୃତ ଯୁବକଙ୍କ ମୋବାଇଲ ଯାଞ୍ଚ କଲେ ଏହି ଘଟଣାରେ ସଂପୃକ୍ତ ଥିବା ଦୋଷୀଙ୍କୁ ଚିହ୍ନଟ କରାଯାଇ ପାରିବ ବୋଲି ଗଣିଆ ଥାନା ଅଧିକାରୀ ଟଙ୍କଧର ଛତ୍ରିଆ ପ୍ରକାଶ କରିଛନ୍ତି। ଗଣିଆ ଅଞ୍ଚଳରେ ଏଭଳି ଘଟଣା ଘଟିବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ୧୮ ବର୍ଷର ପୁଅକୁ ହରାଇ ମା ଆଖିରୁ ଲୁହ ଶୁଖୁନଥିବା ବେଳେ ଏହା ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

### ଘଟଣାସ୍ଥଳରେ ଦଶପଲ୍ଲା ଓ ଖଣ୍ଡପଡ଼ା ବିଧାୟକ



**ପରିବାରକୁ ଭେଟିଲେ ଭାପୁର ଉପାଧ୍ୟକ୍ଷ**

ନୟାଗଡ଼: ସଞ୍ଜୟ ପ୍ରଧାନଙ୍କ ହତ୍ୟା ପ୍ରତିବାଦରେ ପରିବାର ଲୋକେ ଓ ଗ୍ରାମବାସୀ ବସ୍‌ଷ୍ଟାଣ୍ଡ ନିକଟରେ ଗଣିଆ କଣ୍ଟିଲୋ ଭୁବନେଶ୍ୱର ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଖବର ପାଇଁ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଖଣ୍ଡପଡ଼ା ବିଧାୟକ ଦୃଷ୍ଟାନ୍ତ ସ୍ୱାଇଁ ପ୍ରମୁଖ ପହଞ୍ଚିଥିଲେ।

ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିବାରୁ ଦଶପଲ୍ଲା ବିଧାୟକ ଏହାକୁ ନିନ୍ଦା କରିବା ସହିତ ତୁରନ୍ତ ମୃତକଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ସେ ଦାବି କରିଥିଲେ। ସେ ଦୀର୍ଘ ସମୟ ଧରି ପ୍ରଶାସନ ସହିତ ଆଲୋଚନା କରିଥିଲେ। ସେହିପରି ଖଣ୍ଡପଡ଼ା ବିଧାୟକ ଶ୍ରୀ ସ୍ୱାଇଁ ଧାରଣାରେ ବସିଥିବା ପରିବାର ବର୍ଗଙ୍କୁ ଭେଟି ତୁରନ୍ତ ନ୍ୟାୟ ପ୍ରଦାନ କରାଯିବା ସହିତ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ସରିଲା ରଘୁନାଥଜୀଉଙ୍କ ବାହାର ଚନ୍ଦନଯାତ୍ରା



ଓଡଗାଁ,୧୨।୫(ସମିସ): ଆରାଧ୍ୟ ଶ୍ରୀଶ୍ରୀ ରଘୁନାଥ ଜିଉଙ୍କ ପାରମ୍ପରିକ ଭଉଁରୀ ଯାତ୍ରା ଓ ଚାଚେରୀ ଭୋଗ ନୈବେଦ୍ୟ ଉତ୍ସବ ସମ୍ପନ୍ନ ହୋଇଛି। ରବିବାର ୨୧ ଦିନିଆ ଚନ୍ଦନଯାତ୍ରା ସମାପନ ଅବସରରେ ଶ୍ରୀ ରଘୁନାଥ ଜୀଉ, ମାତା ସୀତା, ଅନୁଜ ଲକ୍ଷ୍ମଣଙ୍କ ସହ ରାମେଶ୍ୱର ମହାଦେବ ଓ ପ୍ରଭୁ ହନୁମାନଙ୍କ ଚଳନ୍ତି ପ୍ରତିମା ଏକତ୍ରିତ ଭାବେ ଚାପଖେଳି ଭକ୍ତଙ୍କୁ ଦିବ୍ୟ ଦର୍ଶନ ଦେଇଥିଲେ। ସମସ୍ତ ସ୍ଥାନରୁ ଭୋଗ ଗ୍ରହଣ ପରେ ପ୍ରଭୁ ଶ୍ରୀ ରଘୁନାଥ ସମସ୍ତ ଦେବାଦେବୀଙ୍କ ସହ ଛତିତ୍ରାସ, ବାଜାବାଣ ମଶାଲ ଓ ହରିବୋଲ ଧ୍ୱନି ତାଳେ ତାଳେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ପ୍ରଭୁଙ୍କ ଏହି ପବିତ୍ର ମାନବୀୟ ଲୀଳା ଓ ନଗର ଭ୍ରମଣ ସମଗ୍ର ଓଡଗାଁକୁ ଏକ ଅଲୌକିକ ଭକ୍ତିମୟ ଉତ୍ସବରେ ପରିଣତ କରିଥିଲା। ଶ୍ରଦ୍ଧା, ଭକ୍ତି ଓ ଆଧ୍ୟାତ୍ମିକତାର ଏହି ଅନନ୍ୟ ସମାଗମ ଓଡଗାଁର ସମୃଦ୍ଧ ଧାର୍ମିକ ପରମ୍ପରାକୁ ଉଜାଗର କରିବାରେ ସହାୟକ ହୋଇପାରିଛି।

## ରାସ୍ତାରେ ଭାସୁଛି ପାନୀୟ ଜଳ



ଗଣିଆ,୧୨।୫(ସମିସ): ଅସହ୍ୟ ଖରାରେ ବିଭିନ୍ନ ସ୍ଥାନରେ ଲୋକେ ପାଣି ଟୋପେ ପାଇଁ ଡହଳ ବିକଳ ହେଉଥିବାବେଳେ ଗଣିଆ ବଜାରରେ ପାଇପ୍ ଫାଟି ରାସ୍ତାରେ ଭାସୁଛି ପାଣି। ଦୀର୍ଘଦିନ ହେବ ଏଭଳି ସମସ୍ୟା ଲାଗି ରହିଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଆଖିକୁ ଦିଶୁନି। ଗଣିଆ ବଜାର ଥାନା ସମ୍ମୁଖରେ ପାଇପ୍ ଫାଟି ପ୍ରତିଦିନ ହଜାର ହଜାର ଲିଟର ଜଳ ନଷ୍ଟ ହେଉଛି। ଏହି ପାଇପଟି ଗଣିଆ ବଜାରରେ ଥିବା ଶୌଚାଳୟ ସହିତ ସଂଯୁକ୍ତ ହୋଇଛି। ଦୀର୍ଘଦିନ ହେବ ଉକ୍ତ ପାଇପ ଫାଟି ଜଳ ନଷ୍ଟ ହେଉଥିବା ବେଳେ କାହାର ଦୃଷ୍ଟି ପଡୁନାହିଁ। ଏଥିପ୍ରତି ବିଭାଗୀୟ ଅଧିକାରୀ ତୁରନ୍ତ ଦୃଷ୍ଟି ଦେଇ ମରାମତି କରିବାକୁ ଦାବି ହେଉଛି।

## ଓଡ଼ଗାଁରେ ହତ୍ୟାକାଣ୍ଡ

# ମାଙ୍କଡ଼ା ଗାଡ଼ିରୁ ଚାନ୍ଦାକୁ ନେଇ ହତ୍ୟା; ୪ ଗିରଫ

ନୟାଗଡ଼/ଓଡ଼ଗାଁ,୧୨।୫(ସମିସ)

### ଢେଙ୍କାନାଳରୁ ଜବତ ହେଲା ଖଣ୍ଡା







ନୟାଗଡ଼ ଜିଲ୍ଲା ଓଡ଼ଗାଁରେ ଖଣି ମାଫିଆଙ୍କ ଦ୍ୱାରା ଘଟିଥିବା ହତ୍ୟାକାଣ୍ଡ ସମ୍ପର୍କରେ ଆଜି କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ ନାୟକ ଖୁଲାସା କରିଛନ୍ତି। ନୟାଗଡ଼ ପୁଲିସ ମୁଖ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଚାନ୍ଦା ଆଦାୟରୁ ଏହି ହତ୍ୟାକାଣ୍ଡ ଘଟିଥିବା ସମ୍ପର୍କରେ ସୂଚନା ଦେଇଛନ୍ତି। ଏହି ହତ୍ୟାକାଣ୍ଡରେ ୪ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ହତ୍ୟାରେ ବ୍ୟବହୃତ ଖଣ୍ଡା, ଏକ କାର ଏବଂ ଏକ ୪୦୭ ଟ୍ରକ ଜବତ ହୋଇଥିବା ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଓଡ଼ଗାଁର ପୂର୍ଣ୍ଣଚନ୍ଦ୍ର ନାୟକ ଓରଫ ଦୀପୁ, ରୋହିବାଙ୍କର ମହନ୍ତ ନାୟକ, ଓଡ଼ଗାଁ ମାହାପୁର ସାହିର ମାନସ ବେହେରା, କୋମଣ୍ଡ ମକରପଦାର ଶ୍ରୀଧର ସାହୁ।

ପୁଲିସ ସୂଚନାନୁସାରେ, ଘଟଣା ରାତିରେ ମାଙ୍କଡ଼ା ପଥର ଲୋଡ଼ ହୋଇଥିବା ଦୁଇଟି ଟ୍ରକକୁ ସନ୍ତୋଷ କୁମାର ପ୍ରଧାନ ଓ ଅଜିତ କୁମାର ସାହୁ ଓଡ଼ଗାଁ କଦଳିବନ୍ଧ ନିକଟରେ ଦେଖିଥିଲେ। ମାଙ୍କଡ଼ା ପଥର ବେଆଇନ ପରିବହନ ପାଇଁ ସେମାନେ ଚାନ୍ଦା ମାଗିଥିଲେ। ଚାନ୍ଦା ନଦେଲେ ଗାଡ଼ି ଧରାଇ ଦେବାକୁ ପୁଲିସକୁ ଖବର ଦେଇଥିଲେ। ଏହି ଗାଡ଼ି ଦୁଇଟି ମଧ୍ୟରେ ଗୋଟିଏ ଟ୍ରକ ମାଲିକ ପୂର୍ଣ୍ଣଚନ୍ଦ୍ରଙ୍କୁ ତାଙ୍କ ଡ୍ରାଇଭର ଖବର ଦେଇଥିଲେ। ପୂର୍ଣ୍ଣଚନ୍ଦ୍ର ଉକ୍ତ ସ୍ଥାନରେ ପହଞ୍ଚିବା ପରେ ଟଙ୍କା ନେଣଦେଣକୁ ନେଇ ବୁଝାମଣା ଚାଲିଥିଲା। ଏହି ସମୟରେ ରୋହିବାଙ୍କ ଗ୍ରାମର ବିଶ୍ୱନାଥ ପଣ୍ଡାଙ୍କ ପୁଅ ଜଗନ୍ନାଥ ପଣ୍ଡା, ମହନ୍ତ ନାୟକ, ଶ୍ରୀଧର ସାହୁ, ରବୀନ୍ଦ୍ର ଭଟ୍ଟ, ମୁନା ସାହୁ ଏକ ମହିନ୍ଦ୍ରା କାର ଏବଂ ବାଇକ ଯୋଗେ ସେଠାରେ ପହଞ୍ଚିଥିଲେ। ପୂର୍ଣ୍ଣଚନ୍ଦ୍ର ଓ ଜଗନ୍ନାଥଙ୍କ ପଥର ବ୍ୟବସାୟରେ ବାରମ୍ବାର ସନ୍ତୋଷ ଓ ଅଜିତ୍ ବାଧା ସୃଷ୍ଟି କରୁଥିବାରୁ ସେମାନେ ଆକ୍ରୋଶ ପ୍ରକାଶ କରିଥିଲେ। ପୂର୍ବରୁ ଅଜିତ୍ ବେଆଇନ ପଥର ଚାଲାଣ ପାଇଁ ଟଙ୍କା ମାଗିବା ଏବଂ ମାନସଙ୍କୁ ମାଡ଼ ମାରିଥିଲେ। ଏହାକୁ ସୁଯୋଗ ଭାବି ଅଭିଯୁକ୍ତମାନେ ପ୍ରତିଶୋଧ ନେବାକୁ ନିଷ୍ପତ୍ତି ନେଇଥିଲେ। ଘଟଣାସ୍ଥଳରେ ସମସ୍ତେ ପହଞ୍ଚିବା ଦେଖି ସନ୍ତୋଷ ଓ ଅଜିତ ମୁଖ୍ୟ ରାସ୍ତାକୁ ଚାଲି ଆସି ଯୁକ୍ତିତର୍କ କରିଥିଲେ। ଏହି ଯୁକ୍ତିତର୍କ ସମୟରେ ମହନ୍ତ ନାୟକ ଅଜିତଙ୍କ ବେକକୁ ଧରି ତଳେ ଚାପି ଦେଇଥିଲା। ରବୀନ୍ଦ୍ର ଭଟ୍ଟ, ଜଗନ୍ନାଥ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ପ୍ରରୋଚନାରେ ଅଭିଯୁକ୍ତ ମାନସ ମହିନ୍ଦ୍ରା ଗାଡ଼ିରୁ ଏକ ଖଣ୍ଡା ବାହାର କରି ଚୋଟ ପରେ ଚୋଟ ପକାଇ ଚାଲିଥିଲେ। ଅଜିତଙ୍କ ଦୁଇ ହାତ ହାଣିବା ସହ ଦେହର ଅନ୍ୟାନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲା। ଅଜିତଙ୍କ ଡାହାଣ ହାତ ଛିଣ୍ଡି ଯାଇଥିବା ବେଳେ ବାମ ହାତ ଆଂଶିକ ଲାଗି ରହିଥିଲା। ଗଣ୍ଡଗୋଳକୁ ଦେଖି ଅଜିତଙ୍କ ସାଥି ସନ୍ତୋଷ ଘଟଣାସ୍ଥଳରୁ ଖସି ଯାଇଥିଲେ। ଅଜିତ୍‌ଙ୍କ ମୃତ୍ୟୁ ହୋଇଥିବା ଜାଣିବା ପରେ ଅଭିଯୁକ୍ତମାନେ ସେଠାରୁ ଖସି ଯାଇଥିଲେ। ଅଭିଯୁକ୍ତମାନେ ଫେରାର ହୋଇ ଢେଙ୍କାନାଳ ଜିଲ୍ଲା ଭାପୁର ନିକଟସ୍ଥ ଜଙ୍ଗଲରେ ଖଣ୍ଡାକୁ ଫିଙ୍ଗି ଦେଇଥିଲେ। ନୟାଗଡ଼ ପୁଲିସ ପକ୍ଷରୁ ଭିନ୍ନ ଭିନ୍ନ ଟିମ୍ ଗଠନ କରାଯାଇ ୪ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଦୁଇଟି ଗାଡ଼ି ଜବତ କରାଯାଇଛି। ଢେଙ୍କାନାଳ ଜଙ୍ଗଲରୁ ଖଣ୍ଡା ଜବତ କରାଯାଇଛି। ଆଜି ୪ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ସାମ୍ବାଦିକ ସମ୍ମିଳନୀରେ ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ଏସ୍ ସୁଶ୍ରୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ଶରଣକୁଳ ଏସ୍‌ଡିପିଓ ଦୀପ୍ତିକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଘଟଣାରେ ସଂଶ୍ଳିଷ୍ଟ ଅନ୍ୟ ୩ ଜଣଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆଇଜି ସୂଚନା ଦେଇଛନ୍ତି।

## କାମଧେନୁ ଯୋଜନାରେ ହିତାଧିକାରୀଙ୍କୁ ଅଣଦେଖା

# ଗାଈ କିଣି ବୀମା ପାଇଁ ଦୌଡ଼ି ଦୌଡ଼ି ନୟାନ୍ତ

ଖଣ୍ଡପଡ଼ା,୧୨।୫(ସମିସ): ସରକାର ଗୋ-ପାଳନ ପାଇଁ ପ୍ରୋତ୍ସାହିତ କରୁଥିବାବେଳେ 'କାମଧେନୁ' ଯୋଜନାରେ ସହାୟତା ଯୋଗାଇ ଦେଉଛନ୍ତି। ଏହି ଯୋଜନା ବ୍ଲକ ଓ ଜିଲ୍ଲା ପ୍ରାଣୀଚିକିତ୍ସା ଅଧିକାରୀଙ୍କ ମାଧ୍ୟମରେ ହିତାଧିକାରୀ ପଞ୍ଜୀକରଣ କରି ରିହାତି ମାଧ୍ୟମରେ ଗୁହାଳ କରିବା ସହିତ ଗାଈ କିଣିଥାନ୍ତି। ଏହା ପରେ ଗାଈର ବୀମା ନିଜେ ବିଭାଗ କରିବା ସହିତ ସ୍ୱାସ୍ଥ୍ୟ ମଧ୍ୟ ଯାଞ୍ଚ କରିବାର ନିୟମ ଅଛି। ତେବେ ଏତେସବୁ ବ୍ୟବସ୍ଥା ଥିବାବେଳେ ବିଭାଗ ପକ୍ଷରୁ କୌଣସି ସୁବିଧା ଦିଆଯାଉନାହିଁ ବୋଲି ଅଭିଯୋଗ ହୋଇଛି। ପ୍ରକାଶ ଥାଉ କି, ଖଣ୍ଡପଡ଼ା ବ୍ଲକ କୁମ୍ବାରପଡ଼ା ଗ୍ରାମ କୁରୁମ ସାହିର ହିତାଧିକାରୀ ଅନ୍ନପୂର୍ଣ୍ଣା ଦାସ ଗତ ମାର୍ଚ୍ଚ ୨୩ରୁ ଆନ୍ଧ୍ରରୁ ୨ଟି ଉନ୍ନତ ମାନର ଗାଈ ଆଣିଥିଲେ। ଯାହାର ପ୍ରକଳ୍ପ ଅଟକଳ ମୂଲ୍ୟ ୨ ଲକ୍ଷ ୩୦ ହଜାର ୪ ଶହ ଟଙ୍କା। ଏଥି ମଧ୍ୟରୁ ସରକାରୀ ସହାୟତା ୧ ଲକ୍ଷ ୩୮ ହଜାର ୨ ଶହ ୪୦ ଟଙ୍କା। କିନ୍ତୁ ଗାଈ ଏବଂ ଗୁହାଳ ସବୁ ହିତାଧିକାରୀ କରିଥିଲେ ମଧ୍ୟ ଅଦ୍ୟାବଧି ସରକାରଙ୍କ ଠାରୁ ରିହାତି ପାଇ ନାହାନ୍ତି କି ଗାଈର ବୀମା ମଧ୍ୟ ହୋଇନାହିଁ। ଏହାର କାରଣ ପଛରେ ରହିଛି ନିର୍ଦ୍ଦିଷ୍ଟ ଭାବେ ଫୁଲନଖରାର ଏକ ଫାର୍ମରୁ ଗାଈ କ୍ରୟ କରିବା ପାଇଁ ପ୍ରାଣୀଚିକିତ୍ସା ଅଧିକାରୀ କହିଥିବା ବେଳେ ମୌଳିକ ସୁବିଧା ଯୋଗାଇ ନଦେଇ ବାରମ୍ବାର ଖଣ୍ଡପଡ଼ା ଦୌଡାଉଥିବା ହିତାଧିକାରୀ ଅଭିଯୋଗ କରିଛନ୍ତି। ଏତଦ୍‌ବ୍ୟତୀତ ଗାଈର ସ୍ୱାସ୍ଥ୍ୟ ପରୀକ୍ଷା କିମ୍ବା ରୋଗ ଚିକିତ୍ସା ନିମନ୍ତେ ବିଭାଗୀୟ ଡାକ୍ତରଙ୍କୁ ଫୋନ୍ କଲେ ମଧ୍ୟ ଅଣଦେଖା କରାଯାଉଥିବା ନେଇ ବିଭାଗୀୟ ଡାଇରେକ୍ଟରଙ୍କୁ ଲିଖିତ ଭାବେ ଜଣାଇଛନ୍ତି ହିତାଧିକାରୀ। ଯଦି ଏହାପରେ କୌଣସି ପଦକ୍ଷେପ ନିଆ ନ ଯାଏ ଆଗାମୀ ଦିନରେ ପ୍ରାଣୀଚିକିତ୍ସା କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ହିତାଧିକାରୀ ଜଣାଇଛନ୍ତି। ଏନେଇ ଖଣ୍ଡପଡ଼ା ପ୍ରାଣୀ ଚିକିତ୍ସା ଅଧିକାରୀ ବିଶ୍ୱରଞ୍ଜନ ରାଉତଙ୍କ ପ୍ରତିକ୍ରିୟା ନେବାରୁ ନୂତନ ହିତାଧିକାରୀଙ୍କ ନିମନ୍ତେ ନୂଆ ବୀମା ଆରମ୍ଭ ହୋଇନାହିଁ ଏବଂ ଖୁବଶୀଘ୍ର ସେମାନଙ୍କୁ ମୌଳିକ ସୁବିଧା ଯୋଗାଇ ଦିଆଯିବ ବୋଲି ଜଣାଇଛନ୍ତି।

**ଡାଇରେକ୍ଟରଙ୍କୁ ଚିଠି ଲେଖିଲେ ହିତାଧିକାରୀ**

## ଅଗ୍ନିକାଣ୍ଡ; ୨ ବଖରା ଭସ୍ମୀଭୂତ

ଦଶପଲ୍ଲା,୧୨।୫(ସମିସ): ଅଗ୍ନିକାଣ୍ଡରେ ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଟାକରା ଗ୍ରାମ ପଞ୍ଚାୟତ ଅଧୀନ ବୁରୁସାହି ଗ୍ରାମର ଅଖିଳ ନାୟକଙ୍କ ଘର ସମ୍ପୂର୍ଣ୍ଣ ପୋଡ଼ିଜଳି ପାଉଁଶ ହୋଇଯାଇଛି। ଘରେ ଥିବା ସମସ୍ତ କାଗଜପତ୍ର ଓ ଧାନ, ଚାଉଳ ସମେତ ଅନେକ ଜିନିଷ ନଷ୍ଟ ହୋଇଛି। ଗ୍ରାମବାସୀ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିବା ସହ ଦମକଳ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚ ନିଆଁକୁ ଆୟତ୍ତ କରିଥିବା ବେଳେ ସେତେବେଳକୁ ସବୁ ଜଳି ପାଉଁଶ ହୋଇଯାଇଥିଲା।

## ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ବର୍ଷିଲା ବିଜେଡି

# ଏସ୍‌ପି ଅଫିସ ଘେରଉ ପାଇଁ ଅରୁଣଙ୍କ ଚେତାବନୀ

ନୟାଗଡ଼,୧୨।୫(ସମିସ)



ସାରା ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ। ପୁଲିସ ପ୍ରତି ଲୋକଙ୍କ ଭୟ ନାହିଁ। ଥାନାରେ ବିଜେପି କର୍ମୀଙ୍କ ଦବଦବା। ସାଧାରଣ ଲୋକେ ନ୍ୟାୟ ପାଇବାରୁ ବଞ୍ଚିତ। ଏଭଳି ପ୍ରସଙ୍ଗ ନେଇ ଆଜି ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ବିଷୋଦଗାର କରିଛନ୍ତି ବିଜେଡି ନେତା। ନୟାଗଡ଼ ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ତଥା ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ରାଜ୍ୟର ବିଭିନ୍ନ ପ୍ରସଙ୍ଗ ଉଠାଇବା ସହ ଦୁର୍ବଳ ସରକାର ପାଇଁ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ସାଧାରଣ ଜନତାକୁ ଭୟଭୀତ କରିଥିବା କହିଛନ୍ତି। ଡବଲ ଇଞ୍ଜିନ ସରକାର କ୍ଷମତାକୁ ଆସିବା ପରେ ଅରାଜକତା ବଢ଼ିଛି। ଅପରାଧୀମାନେ ଆଇନକୁ ଭୃକ୍ଷେପ କରୁ ନାହାନ୍ତି। ବର୍ବରତା ସୀମା ଅତିକ୍ରାନ୍ତ କରିଛି। ଢେଙ୍କାନାଳ ଜିଲ୍ଲା ଭାପୁର ଅଞ୍ଚଳରେ ଦଳିତ ମହିଳାଙ୍କୁ ଦୁଷ୍କର୍ମ ପରେ ପଥରରେ ଛେଚି ହତ୍ୟା ଘଟଣାରୁ ଆରମ୍ଭ କରି ପୁରୀ ଜିଲ୍ଲା ବଳଙ୍ଗା ଯୁବତୀଙ୍କୁ ହତ୍ୟା ଘଟଣା, ଗଞ୍ଜାମରେ ଗର୍ଭବତୀ ମହିଳାଙ୍କୁ ହାଣି ହତ୍ୟା, ବ୍ରହ୍ମଗିରିରେ ୬ ବର୍ଷ ଶିଶୁକନ୍ୟାକୁ ଦୁଷ୍କର୍ମ, କଣାସ ଥାନା ଅଞ୍ଚଳରେ ବାଲି ମାଫିଆ ଯୁବକଙ୍କୁ ହାଣି ବୁଲେଟ୍ ଚଢ଼ାଇବା ପ୍ରସଙ୍ଗ ଉଠାଇ ସରକାରକୁ ଘେରିଛନ୍ତି। ନୟାଗଡ଼ ଓଡ଼ଗାଁରେ ଖଣି ମାଫିଆଙ୍କ ଦ୍ୱାରା ହତ୍ୟା ଘଟଣା ସବୁ ସୀମା ଟପିଛି ବୋଲି କହିଛନ୍ତି। ୨ ବର୍ଷରେ ବିଜେପି ସରକାର ଓଡ଼ିଶାର ଛବିକୁ ମଳିନ କରିଥିବା କହିଛନ୍ତି।

### ୧୪ରେ ଦିଆଯିବ ଦାବିପତ୍ର

ସେହିଭଳି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଜିଲ୍ଲାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ସୁଧାରିବା ପାଇଁ ଆସନ୍ତା ୧୪ ତାରିଖ ନୟାଗଡ଼ ଏସ୍‌ପିଙ୍କୁ ଦାବିପତ୍ର ଦିଆଯିବ ବୋଲି କହିଛନ୍ତି। ସମୟ ଅବଧି ମଧ୍ୟରେ ପରିସ୍ଥିତିରେ ସୁଧାର ନଆସିଲେ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଓଡ଼ିଶାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। କଥା କଥାରେ ଗୁଳି, ବୋମା, ଖଣ୍ଡା ଠେଙ୍ଗା ଚାଲୁଛି। ଯେଉଁମାନେ ଆଇନକୁ ହାତକୁ ନେଉଛନ୍ତି, ସେମାନଙ୍କର ପୁଲିସ ପ୍ରତି ତିଳେମାତ୍ର ଭୟ ନାହିଁ ବୋଲି ଶ୍ରୀ ସାହୁ କହିଛନ୍ତି। ନିଜେ ମୁଖ୍ୟମନ୍ତ୍ରୀ ପୁଲିସ ବିଭାଗକୁ ତାଗିଦ୍ କରୁଛନ୍ତି। ଅର୍ଥାତ ନିଜେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ସ୍ୱୀକାର କରୁଛନ୍ତି। ଏଣୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ସରକାରଙ୍କ ଚେତାଇବା ପାଇଁ ବିଜୁ ଜନତା ଦଳ ନେତାଙ୍କୁ ଦାୟିତ୍ୱ ଦେଇଛନ୍ତି। ନୟାଗଡ଼ ଜିଲ୍ଲାରେ ଓଡ଼ଗାଁ ଘଟଣା, ଗଣିଆ ଜିଅନ୍ତା ପୋଡ଼ି ଦେବା ଜ୍ୱଳନ୍ତ ଉଦାହରଣ ବୋଲି କହିଛନ୍ତି। ଗାଁ ଗାଁରେ କଙ୍ଗାରୁକୋର୍ଟ। ନୟାଗଡ଼ ଜିଲ୍ଲାର ସ୍ଥିତି ଅସମ୍ଭାଳ ବୋଲି କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ରଣପୁର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ ସୁବାଷ ଚନ୍ଦ୍ର କହଁର, ସରୋଜ ରଣସିଂ, କ୍ଷୀରୋଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡି ଛାଡ଼ିଲେ ବ୍ଲକ ଅଧ୍ୟକ୍ଷ କିଶୋର

**ଦଳର କିଛି କ୍ଷତି ହେବ ନାହିଁ: ଅରୁଣ**

ନୟାଗଡ଼,୧୨।୫(ସମିସ): ନୟାଗଡ଼ ଜିଲ୍ଲା ସଦର ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ଆଜି ବିଜୁ ଜନତା ଦଳ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ବିଗତ ଦିନରେ ଭାଟସାହି ପଞ୍ଚାୟତର ସରପଞ୍ଚ ଏବଂ ଗତ ପଞ୍ଚାୟତ ନିର୍ବାଚନରେ ଚଣ୍ଡିବସ୍ତ ପଞ୍ଚାୟତରୁ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ବିଜେଡି ସମର୍ଥନରେ ବ୍ଲକ ଅଧ୍ୟକ୍ଷ ପଦ ଅଳଙ୍କୃତ କରିଥିଲେ। ସେ ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଥିବା ସୂଚନା ମିଳିଛି। ଜିଲ୍ଲା ବିଜେଡି ସଭାପତି ତଥା ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କୁ ସେ ତାଙ୍କର ଇସ୍ତଫା ପତ୍ର ପଠାଇଛନ୍ତି। ଖୁବ୍‌ଶୀଘ୍ର ସେ ବିଜେପିରେ ମିଶିବା ସମ୍ଭାବନା ରହିଛି। ଅନ୍ୟପକ୍ଷେ, ଏହି ଇସ୍ତଫା ଘଟଣାକୁ ନେଇ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି କି, ସେ ଦଳରୁ ଇସ୍ତଫା ଦେଇଥିବା ଜିଲ୍ଲା ସଭାପତିଙ୍କୁ ଜଣାଇଛନ୍ତି। ଏନେଇ ମୋ ସହ କୌଣସି ଆଲୋଚନା କରି ନାହାନ୍ତି। ଏହାଦ୍ୱାରା ଦଳର କୌଣସି କ୍ଷତି ହେବ ନାହିଁ। ଭବିଷ୍ୟତ କହିବ କାହାର କ୍ଷତି ହେଉଛି ବୋଲି ବିଧାୟକ ଶ୍ରୀ ସାହୁ କହିଛନ୍ତି।

## ଗୋ-ଚାଲାଣ ପେଣ୍ଠସ୍ଥଳୀ ପାଲଟିଛି କାପ୍ତାପଲ୍ଲୀ

ନୂଆଗାଁ,୧୨।୫(ସମିସ): ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ଆଦିବାସୀ ବହୁଳ କାପ୍ତାପଲ୍ଲୀ ପଞ୍ଚାୟତ ଗୋ ଚାଲାଣ ପେଣ୍ଠସ୍ଥଳୀ ପାଲଟିଛି। ମୁଖ୍ୟ ରାସ୍ତାରେ ଜୋରଦାର୍ ଧରପଗଡ଼ ପରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଓ ଜଙ୍ଗଲ ଏରିଆକୁ ବାଛୁଛନ୍ତି ଗୋରୁ ମାଫିଆ। ଏହିଭଳି ଅଭିଯୋଗ ହୋଇଛି ନୂଆଗାଁ ସମିତି ବୈଠକରେ। ନୂଆଗାଁ ବ୍ଲକ ଅନ୍ତର୍ଗତ ଆଦିବାସୀ ବହୁଳ କାପ୍ତାପଲ୍ଲୀ ପଞ୍ଚାୟତ ଘୋଡକବାରୀ ଗ୍ରାମ ନିକଟ କାଜୁ ଜଙ୍ଗଲରେ ଆଇଚର ମାଧ୍ୟମରେ ଗୋରୁଙ୍କୁ ଅମାନୁଷିକ ଭାବେ ଚାଲାଣ ହେଉଥିବା ସୋସିଆଲ ମିଡିଆରେ ଭିଡିଓ ଘୁରି ବୁଲୁଥିବା ବେଳେ ଆଦିବାସୀ ବହୁଳ ଗୁମ୍ମୀ ପଞ୍ଚାୟତ ସମିତିସଭ୍ୟ ସମିତି ବୈଠକରେ ଅଭିଯୋଗ କରିଛନ୍ତି। ଏଣୁ ଏହି ଅଞ୍ଚଳ ନୂଆଗାଁ ଥାନା ଓଡ଼ଗାଁ ଥାନା ମହିପୁରୁ ଫାଣ୍ଡି ଓ ବାହାଡ଼ାଖୋଲା ଫାଣ୍ଡି ରହିଥିବା ବେଳେ ଗଞ୍ଜାମ ଜିଲ୍ଲାକୁ ସଂଯୋଗ କରୁଥିବାରୁ ଗୋରୁ ମାଫିଆଙ୍କୁ ସୁହାଉଥିବା ଅଞ୍ଚଳ ବୁଦ୍ଧିଜୀବୀ ଆଲୋଚନା କରୁଛନ୍ତି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

# ପଦ୍ମଶ୍ରୀ ଉପେନ୍ଦ୍ର ମହାରଥୀଙ୍କ ଜୟନ୍ତୀ ଉତ୍ସବ



ବାଣପୁର,୧୨।୫(ସମିସ) : ଚିତ୍ର ଶିଳ୍ପୀ ପଦ୍ମଶ୍ରୀ ଉପେନ୍ଦ୍ର ମହାରଥୀଙ୍କ ୧୧୮ ତମ ଜୟନ୍ତୀ ଉତ୍ସବ ଜନ୍ମମାଟି ନରେନ୍ଦ୍ରପୁର ଉପେନ୍ଦ୍ର ବିଦ୍ୟାପୀଠ ପରିସରରେ ସମାରୋହରେ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ବିଦ୍ୟାପୀଠସ୍ଥିତ ପଦ୍ମଶ୍ରୀ ମହାରଥୀଙ୍କ ପ୍ରତିମୂର୍ତ୍ତିରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବି, ଜନସାଧାରଣ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ପୁଷ୍ପ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ସ୍ମୃତି କମିଟିର ସଭାପତି ଡ. ନୃସିଂହ ଚରଣ ପ୍ରଧାନଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଅତିଥି ଭାବେ ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ସାମନ୍ତସିଂହାର, ବିଶ୍ୱମୁକ୍ତି ପତ୍ରିକାର ସଂପାଦକ ଶଶାଙ୍କ ଶେଖର ଚୂଡ଼ାମଣି ଓ ସ୍ମୃତି କମିଟିର ଉପସଭାପତି ଶିକ୍ଷାବିତ୍ ବାଳମୁକୁନ୍ଦ ଦାସ ଯୋଗଦେଇ ପଦ୍ମଶ୍ରୀ ମହାରଥୀଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। କମିଟି ସଂପାଦକ ପବିତ୍ର କୁମାର ବରାଳ ସଭା ସଂଯୋଜନା କରିଥିବା ବେଳେ ଶିକ୍ଷାବିତ ଶିଶିର କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ସ୍ମୃତି କମିଟିର ଉପଦେଷ୍ଟା ଗୋଲକ ବିହାରୀ ପରୀଡ଼ା, ବିକ୍ରମ କେଶରୀ ମହାରଥୀ, ରବୀନ୍ଦ୍ରନାଥ ମାନସିଂ, ଶିକ୍ଷାବିତ ଲକ୍ଷ୍ମୀଧର ପ୍ରଧାନ, ଏକତା ପରିଷଦ ଟ୍ରଷ୍ଟର ପ୍ରମୁଖ ସଂଧ୍ୟା ଦେବୀ, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ନାଟ୍ୟକାର ମହେଶ୍ୱର ଜେନା ଧନ୍ୟବାଦ ଦେଇଥିଲେ।

# ସମିତି କର୍ମଚାରୀ ବଦଳି କାର୍ଯ୍ୟକାରିତାରେ ବିଳମ୍ବ

ଟାଙ୍ଗୀ,୧୨।୫ (ସମିସ) : ରାଜ୍ୟ ସରକାରଙ୍କ ନିବନ୍ଧକ ସମବାୟ ସମିତି ସମୂହ ଓଡ଼ିଶା ଙ୍କ ଚିଠି ନମ୍ବର - ୧୧୮୧୯ ତା. ୨୪.୦୬.୨୦୨୫ ରିଖ ସମିତି ର କର୍ମଚାରୀ ଙ୍କୁ କାଡ଼ର୍ ଅନ୍ତର୍ଭୁକ୍ତ କରି ସମିତିର କର୍ମଚାରୀ ଅର୍ଥାତ୍ ସମ୍ପାଦକ ମାନଙ୍କୁ ବଦଳି କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଥିଲେ କିନ୍ତୁ ଏହା କାର୍ଯ୍ୟକାରୀ ହେବାରେ ଅହେତୁକ ବିଳମ୍ବ ହୋଇ ଚାଲିଛି। ମାର୍ଚ୍ଚ ୩୧ ସୁଦ୍ଧା ସବୁ କାର୍ଯ୍ୟ ସାରି ଜିଲ୍ଲା ଭିତ୍ତିକ କାଡ଼ର୍ କରି ବଦଳି କରିବାର ଥିଲା କିନ୍ତୁ ବିଳମ୍ବ ହେଉ ପଛେ ଖୋର୍ଦ୍ଧା ସହକାରୀ ନିବନ୍ଧକ ଚିଠି ନମ୍ବର - ୨୫୦୩ ତା ୩୦.୧୨.୨୦୨୫ ରିଖ ରେ ସମସ୍ତ ସଂପାଦକ ମାନଙ୍କୁ ସମିତି ପରିଚାଳନା ପରିଷଦ ବର୍ଗ ସଭାରେ ପ୍ରସ୍ତାବ କରି ପଠେଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ବି ସମିତି ପ୍ରସ୍ତାବ କରି ଦେଇନାହାନ୍ତି ଯାହାକି ଜିଲ୍ଲା ସମିତି ଦୁର୍ନୀତି ରେ ବୁଡି ରହିଥିବାର ସନ୍ଦେହ ବାରି ହେଉଛି। ପୁଣି ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଚିଠି ନମ୍ବର - ୩୦୫(୧୬୧) ତା ୨୪.୦୪.୨୦୨୬ ରିଖ ରେ ସମସ୍ତ ସମିତିର ସଭାପତି ଏବଂ ପ୍ରଶାସନିକ ଅଧିକାରୀ ମାନଙ୍କୁ ପ୍ରସ୍ତାବ କରି ସଭାରେ ପାସ୍ କରି ପଠେଇବାକୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସମବାୟ ସମିତି ଗୁଡିକ ଦୁର୍ନିତି ର ପେଣ୍ଠସ୍ଥଳୀ ପଲଟିଲାଣି ଯାହାକି ପୂର୍ବରୁ ନଥିପତ୍ର ଯାଞ୍ଚ ଫଳରେ କିଛି ସମ୍ପାଦକ ନିଜ ଆଡୁ ଚାକିରି ଛାଡ଼ି ଚାଲିଯାଇଛନ୍ତି। ୬୦ ବର୍ଷ ରୁ ଊର୍ଦ୍ଧ୍ୱ ବା ଶିକ୍ଷାଗତ ଯୋଗ୍ୟତା ନ ଥାଇ ମୃତ୍ୟୁ ପର୍ଯ୍ୟନ୍ତ ସମିତି ରେ ରହି କାର୍ଯ୍ୟ କରିଆସୁଥିଲେ ଯାହାକି ଏହି କାଡ଼ର୍ ନିୟମ କାର୍ଯ୍ୟକାରୀ ହେଲାବେଳେ ରେ ଧରା ପଡୁଛନ୍ତି। ସମ୍ପାଦକମାନଙ୍କ ନଥି ଯାଞ୍ଚ ଖବର ପ୍ରଥମେ ସମ୍ବାଦ ରେ ବାହାରିବା ଫଳରେ ଜିଲ୍ଲା ପ୍ରଶାସନ ସଜାଗ ହୋଇଥିଲେ ଏବଂ ନଥି ପତ୍ର ଯାଞ୍ଚ କରିଥିଲେ ଏହାକୁ ଦେଖି ବାଣପୁର ବ୍ଲକ୍‌ର ଡୁମୁରାପୁଟ, ନଇରୀ, ଡୋମଣୀ, ନିଳାଦ୍ରିପ୍ରସାଦ, ନାଚୁଣୀ ସମିତି , ବେଗୁନିଆ ବ୍ଲକ୍ ର ଡିଙ୍ଗର ସମିତି , ଖୋର୍ଦ୍ଧା ବ୍ଲକ ର ଖୋର୍ଦ୍ଧା ସମିତି, ଦିବ୍ୟସିଂହପୁର ସମିତି ଆଦିର ସମ୍ପାଦକ ନିଜ ଚାକିରି ରୁ ବିଦାୟ ହୋଇଛନ୍ତି କିଏ ନିଜ ଆଡୁ ବିଦାୟ ନେଇଛନ୍ତି କେଉଁଠି ଜାଲ ସାର୍ଟିଫିକେଟ, ୬୦ ବର୍ଷ ରୁ ଅଧିକ ଯୋଗୁ ଚାକିରି ରୁ ବିଦା ହୋଇଥିବାର ଶୁଣିବାକୁ ମିଳୁଛି। ସମିତିର କର୍ମଚାରୀ ବଦଳି ହେଲେ ସ୍ୱଚ୍ଛତା ଆସିବା ସହିତ ଦୁର୍ନୀତି କମିବ ବୋଲି ବରିଷ୍ଠ ଆଇନଜୀବୀ ଏବଂ ସମବାୟ ବିତ୍ ମାନେ ମତବ୍ୟକ୍ତ କରିଛନ୍ତି।

# କୁଞ୍ଜବିହାରୀ ଦେବଙ୍କ ଚନ୍ଦନଯାତ୍ରା ଉଦ୍‌ଯାପିତ



ବୋଲଗଡ଼,୧୨।୫ (ସମିସ): ଖୋର୍ଦ୍ଧା ଜିଲ୍ଲା ବୋଲଗଡରେ ଶ୍ରୀଶ୍ରୀ କୁଞ୍ଜବିହାରୀଦେବଙ୍କ ଚନ୍ଦନଯାତ୍ରା ରୀତିନୀତି ଅନୁସାରେ ଆଡମ୍ବର ସହକାରେ ପାଳିତ ହୋଇ ଶନିବାର ଉଦଯାପିତ ହୋଇଯାଇଛି। ପବିତ୍ର ଅକ୍ଷୟତୃତୀୟା ଠାରୁ ଆରମ୍ଭ ହୋଇ ୨୦ ଦିନ ପର୍ଯ୍ୟନ୍ତ ଠାକୁର ଶ୍ରୀଶ୍ରୀ କୁଞ୍ଜବିହାରୀଦେବ ଚାପ ପୋଖରିକୁ ଯାଇ ପ୍ରତ୍ୟେହ ସନ୍ଧ୍ୟାରେ ଜଳାଶୟର ନୌକା ବିହାର କରି ଚାପ ଖେଳିଥିଲେ। ଗ୍ରୀଷ୍ମ ତାପ ପ୍ରଭାବରୁ ଠାକୁରଙ୍କ ଶ୍ରୀ ଅଙ୍ଗକୁ ଶୀତଳ ପ୍ରଦାନ ପାଇଁ ଉକ୍ତ ଚନ୍ଦନ ଯାତ୍ରା ରେ କୁଞ୍ଜବିହାରୀ ଦେବଙ୍କ ବିଗ୍ରହରେ ସୁକ୍ଷ୍ମ ବସ୍ତ୍ର ପରିଧାନ କରାଯାଇ କର୍ପୁର, ଯାଇଫଳ, ଅଗୁରୁ ଓ ଗୋଲାପ ଜଳ ମିଶ୍ରିତ ଘୋରାଚନ୍ଦନକୁ ଲେପନ କରାଯାଇଥାଏ । ବିଶେଷ ଭାବେ ଚନ୍ଦନଯାତ୍ରା ରେ ପ୍ରତି ସଂନ୍ଧ୍ୟାରେ ଘଣ୍ଟ, ଘଣ୍ଟା ପାରମ୍ପରିକ ବାଦ୍ୟ ସାଥୀକୁ ଛତ୍ରୀ, ତ୍ରାଷ, ଆଲଟ, ଚାମର ସେବା ଏବଂ କଳାକାର ମାନଙ୍କ ଦ୍ୱାରା ଓଡିଶୀ ନୃତ୍ୟ ମଧ୍ୟରେ କୁଞ୍ଜବିହାରୀ ଦେବ ମନ୍ଦିର ରୁ ବିମାନରେ ଅଟୋପ ପଟୁଆର ରେ ଚାପ ପୋଖରୀକୁ ଚଉଦୋଳ ବିମାନରେ ବିଜେ କରିଥାନ୍ତି । ପୁଷ୍କରିଣୀରେ ନୌକାବିହାର କରି ଚାପ ଖେଳ ସାରି ରାତ୍ରି କୁ ମନ୍ଦିରକୁ ଫେରିଥାନ୍ତି । ଏହି ଚନ୍ଦନ ଯାତ୍ରା ବହୁ ପୁରାତନ କାଳରୁ ବୋଲଗଡର ସ୍ୱର୍ଗତ ବାମନ ମହାପାତ୍ରଙ୍କ ବଂଶଜ ମାନଙ୍କ ସୌଜନ୍ୟରେ ପରାମ୍ପରା କ୍ରମେ ଆୟୋଜିତ ହୋଇ ଆସୁଛି କ୍ଷ ପ୍ରକାଶ ଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଉକ୍ତ ଚନ୍ଦନ ଯାତ୍ରା ଆୟୋଜିତ ହୋଇଥିବା ବେଳେ ଧୀରେଶ ମହାପାତ୍ରଙ୍କ ସମେତ ତାଙ୍କ ପରିବାର ର ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

# ଖୋର୍ଦ୍ଧା କ୍ରସର ସଂଘରେ ଫାଟ, ସଂଘର ମନମାନୀକୁ ବିରୋଧ !



**ଖୋର୍ଦ୍ଧା,୧୨।୫(ସମିସ):** ଖୋର୍ଦ୍ଧା କ୍ରସର ସଂଘରେ ଦେଖାଦେଲାଣି ଫାଟ। ସଂଘର ମନମାନିକୁ ବିରୋଧ କଲେଣି ସଂଘରେ ରହିଥିବା କିଛି ମାଲିକ। ସବୁ କାଗଜପତ୍ର ଠିକ୍ ରହିବା ସତ୍ତ୍ୱେ ସଂଘ ର ଡାକରା କ୍ରମେ ଯଦି କ୍ରସର ଓ ଗାଡିଗୁଡିକ ବନ୍ଦ କରାଯାଏ, ତେବେ ବ୍ୟାଙ୍କ କିସ୍ତି କିପରି ଦିଆଯିବ ବୋଲି ସେମାନେ ଅଭିଯୋଗ କଲେଣି। ଇତିମଧ୍ୟରେ ଆଜି ପୁଣି କ୍ରସର ସଂଘ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବ, ମାତ୍ର ଏଥିରେ ଅନେକ ମାଲିକ ସାମିଲ ହେଉନଥିବା ସେମାନେ ନିଜ ନାମକୁ ଗୋପନ ରଖି ପ୍ରକାଶ କରିଛନ୍ତି।

ପ୍ରକାଶ ଥାଉକି, ଖୋର୍ଦ୍ଧାରେ ବ୍ୟବସାୟ ଏବଂ ବାଣିଜ୍ୟର ଅଭିବୃଦ୍ଧି ପଛରେ ଜିଲ୍ଲାରେ ଗଢ଼ି ଉଠିଥିବା କ୍ରସର୍ ୟୁନିଟ୍ ଏକ ବଡ ଭୂମିକା ରହିଛି। ପ୍ରାୟ ୫୦ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ଖୋର୍ଦ୍ଧା ନିକଟବର୍ତ୍ତୀ ତାପଙ୍ଗ, ମଳିପଡା, ଛତ୍ରମା ଏବଂ ଦଧିମାଛଗାଡ଼ିଆ ପ୍ରଭୃତି ଅଂଚଳରେ ଥିବା କ୍ରସର ଶିଳ୍ପ ଉପରେ ନିର୍ଭର କରି ଚଳୁଛନ୍ତି। କେବଳ ଖୋର୍ଦ୍ଧା ନୁହେଁ ଗଞ୍ଜାମ ଏବଂ ନୟାଗଡ଼ ଜିଲ୍ଲାର ଅନେକ ଲୋକଙ୍କ ପରିବାର ପ୍ରତିପୋଷଣ ହୋଇଥାଏ ଏହି କ୍ରସର ଶିଳ୍ପ ଯୋଗୁ।

ବିଗତ ଦିନରେ କିଛି ଛାମୁଆ ରାଜନୈତିକ ବ୍ୟକ୍ତି ବିଶେଷଙ୍କ ଷଡ଼ଯନ୍ତ୍ରର ଶିକାର ହୋଇ ଖୋର୍ଦ୍ଧା ଜିଲ୍ଲାରେ ପ୍ରାୟ କିଛିବର୍ଷ ଧରି ସମସ୍ତ କ୍ରସର୍ ୟୁନିଟ ଗୁଡିକ ବନ୍ଦ ରହିବା ଦ୍ୱାରା ଏହାର ସିଧାସଳଖ ପ୍ରଭାବ ପଡ଼ିଥିଲା କ୍ରସର ଶିଳ୍ପ ଉପରେ ନିର୍ଭର କରୁଥିବା ଲୋକଙ୍କ ଉପରେ।ମାତ୍ର ଏବେ କିଛି ମାସ ହେଲା କେତେକ କ୍ରସର ଚାଲିବା ଆରମ୍ଭ ହେଲା। ଫଳରେ ଶ୍ରମିକ, ଗାଡି ମାଲିକ, ପାହାଡ ମାଲିକ ପ୍ରଭୃତିଙ୍କ ଏକ ପ୍ରକାର ଉତ୍ସାହ ଦେଖାଦେଇଛି। ଖୋର୍ଦ୍ଧାରେ ଏବେ ଛୋଟବଡ ହୋଇ ୨ରୁ ୪ଟି ପାହାଡ ଚାଲୁଥିବାବେଳେ ୫୦ରୁ ଊର୍ଦ୍ଧ୍ୱ କ୍ରସର ମଧ୍ୟ ରଣପୁର ଓ କୁହୁଡି ପାହାଡରୁ ମାଲ ଆଣି ଚଳାଇବାକୁ ସକ୍ଷମ ହୋଇଛନ୍ତି। କ୍ରସର ମାଲିକଙ୍କୁ ନେଇ କିଛିବର୍ଷ ତଳେ ଗଠିତ ହୋଇଥିବା ତାପଙ୍ଗ ଆଂଚଳିକ କ୍ରସର ମାଲିକ ସଙ୍ଘକୁ ଏବେ କିଛି କୁଚକ୍ରୀ ଗୋଷ୍ଠୀ ନିଜ ହାତମୁଠାରେ ରଖିବାକୁ ଉଦ୍ୟମ କରି ସଂଘର ସଦସ୍ୟଙ୍କୁ ଜନୈକ ରାଜନେତାଙ୍କ ନାଁରେ ଚାନ୍ଦା ମାଗି ଲୁଟୁଥିବା ଅଭିଯୋଗ ହୋଇଛି। ଏପରିକି ମାଲିକମାନଙ୍କ ଠାରୁ କ୍ରସର ପିଛା ଧାର୍ଯ୍ୟ ଅର୍ଥ ଆଦାୟ କରି ସଂଘର କୁଚକ୍ରୀ ଗୋଷ୍ଠି ଜନୈକ ନେତାଙ୍କୁ ଦେଉଥିବା କିଛି ମାଲିକମାନେ ପ୍ରକାଶ କରିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଯେ, ସଙ୍ଘ କ୍ରସର ଚଳାଇବାକୁ ମାଲ ଯୋଗାଉଥିବା ପାହାଡ ଗୁଡିକୁ ବନ୍ଦ କରିବାକୁ ଉଦ୍ୟମ କରିବାର କାରଣ କ'ଣ? କ୍ରସର ଚାଲିଲେ ଶ୍ରମିକ ଠାରୁ ମାଲିକ ସମସ୍ତେ ଉପକୃତ ହେବାକୁ ଥିବାବେଳେ କାହା ସ୍ୱାର୍ଥରେ ସଂଘ କ୍ରସର ଚଳାଇବାକୁ ବନ୍ଦ କରୁଛି ତାହା ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେବଳ କ୍ରସର ନୁହେଁ ପଥର ଚାଲାଣରେ ବ୍ୟବହୃତ ହେଉଥିବା ଟ୍ରକ ଗୁଡିକୁ ବନ୍ଦ କରିବାକୁ ଟ୍ରକ ସଂଘ କୁ ମଧ୍ୟ ବାଧ୍ୟ କରାଯାଉଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ସଂଘର କିଛି କୁଚକ୍ରୀ ବ୍ୟକ୍ତିଙ୍କ ଉଦ୍ଦେଶ୍ୟ ସାଧନ ନହେବା କାରଣରୁ ସଂଘ ର ପ୍ରଚ୍ଛଦପଟରେ ରହି ସେମାନେ ଏଭଳି ଦାଦାଗିରି କରିବା ଘଟଣାକୁ କେତେକ ମାଲିକ ବିରୋଧ କରୁଥିବା ନିଜ ନାମକୁ ଗୋପନ ରଖି ପ୍ରକାଶ କରିଛନ୍ତି। ସଂଘ ସାମୁହିକ ଚିନ୍ତାଧାରରେ ଚାଲେ, କୌଣସି ବ୍ୟକ୍ତି କୈନ୍ଦ୍ରିକ ନୁହେଁ। ମାତ୍ର କିଛି କୁଚକ୍ରୀ କିଛି ଅର୍ଥ ଲାଳସାରେ ବିଭିନ୍ନ ଆଳରେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେବା, ଧାରଣା ଦେବା, ବୈଠକ କରିବା ଭଳି ଅନେକ କାର୍ଯ୍ୟ କରିବା ଲାଗି ଚାନ୍ଦା ଆଦାୟ କରୁଛନ୍ତି। ଯାହା ସଂଘର ସ୍ୱଚ୍ଛତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଥିବା ସେମାନେ କହିଛନ୍ତି। ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି କିପରି ଦୀର୍ଘଦିନ ହେବ ସଂଘର କାର୍ଯ୍ୟକାରୀ ସଭାପତି ରହିଛନ୍ତି ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେହିପରି ସଂଘର ବାର୍ଷିକ ଆୟବ୍ୟୟ ହିସାବ ର କୌଣସି ଅଡିଟ ମଧ୍ୟ କରାଯାଉନାହିଁ, ଯାହା ଆଦାୟ ଅର୍ଥକୁ ହଡପ କରାଯାଉଥିବା ଘଟଣାକୁ ସ୍ପଷ୍ଟ କରୁଛି ବୋଲି ଚର୍ଚ୍ଚା ହେଉଛି।

ଯଦି ସଂଘ ନିଷ୍ପତି ଅନୁସାରେ କ୍ରସର ଓ ଗାଡି ବନ୍ଦ କରାଯାଏ, ତେବେ ବ୍ୟାଙ୍କରୁ ଋଣ ଆଣି କ୍ରସର ବା ଗାଡି କରିଥିବା ମାଲିକମାନେ କିପରି କିସ୍ତି ସୁଝିବେ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। କ୍ରସର ବା ଗାଡି ମାଲିକଙ୍କ ଅସୁବିଧା ସମୟରେ ସଂଘ ଦେଖାଦେଉନଥିବାବେଳେ କେବଳ ବିଭିନ୍ନ ଆଳରେ ଚାନ୍ଦା ଆଦାୟ କରି ବନ୍ଦ କରିବାକୁ ଆଗଭର ହେଉଥିବା ସେମାନେ ଅଭିଯୋଗ ଆଣିଛନ୍ତି।

ପ୍ରକାଶଥାଉକି, ବେଆଇନଭାବେ କ୍ରସର ବନ୍ଦ କରିବା ଘଟଣାକୁ ନେଇ ବିଗତ ଦିନରେ ତତ୍କାଳୀନ ଜିଲ୍ଲାପାଳ ସଂଘର କାର୍ଯ୍ୟକାରୀ ସଭାପତିଙ୍କୁ ତାଗିଦ୍ କରିଥିବା ନଜିର ରହିଛି। କିଛିଦିନ ପୂର୍ବେ ଜଗନ୍ନାଥ ମହାପ୍ରଭୁଙ୍କ ପାହାଡଗୁଡିକ ନିଲାମ ଲାଗି ଧାର୍ଯ୍ୟ କରାଯାଇଥିଲେ ମଧ୍ୟ ଏହି କ୍ରସର ମାଲିକ ସଂଘ ସେଥିରେ ବାହାର ସଦସ୍ୟଙ୍କୁ ନ ପୁରାଇବା ଲାଗି ଧମକ ଦେଇଥିବା ନଜିର ରହିଛି।

# ୬୦୦ ଅବସରପ୍ରାପ୍ତ କର୍ମଚାରୀଙ୍କ ବକେୟା ପ୍ରଦାନ ଦାବି



ଖୋର୍ଦ୍ଧା,୧୨।୫(ସମିସ): ଓଡ଼ିଶା ରାଜ୍ୟ ସମବାୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ (ଓସକାର୍ଡ ବ୍ୟାଙ୍କ) ର ଅନିୟମିତତା ଏବଂ ରାଜ୍ୟ ପ୍ରାଥମିକ ସମବାୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ(କାର୍ଡ ବ୍ୟାଙ୍କ) ଅବସରପ୍ରାପ୍ତ କର୍ମଚାରୀଙ୍କ ପ୍ରାପ୍ୟ ଦାବିରେ କାର୍ଡ ବ୍ୟାଙ୍କ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଦାବିପତ୍ର ଦେଇଛନ୍ତି। ସଂଘ ଅଭିଯୋଗ ଅନୁଯାୟୀ ଓଡ଼ିଶା ରାଜ୍ୟ ସମବାୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ(ଓସକାର୍ଡ ବ୍ୟାଙ୍କ) ଏବଂ ପ୍ରାଥମିକ ସମବାୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ(କାର୍ଡ ବ୍ୟାଙ୍କ) ଚାଷୀ ମାନଙ୍କୁ କୃଷି ଓ ଅଣକୃଷି ଋଣ ୨୦୦୬ ମସିହା ପର୍ଯ୍ୟନ୍ତ ଦେଇ ରାଜ୍ୟରେ ଏକ ଅଗ୍ରଣୀ ବ୍ୟାଙ୍କ ର ଭୂମିକା ନେଇଥିଲା। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅବହେଳା ତଥା ଶୀର୍ଷ ବ୍ୟାଙ୍କ(ଓସକାର୍ଡ ବ୍ୟାଙ୍କ)ର ପରିଚାଳନାଗତ ତୃଟି ଯୋଗୁ ୨୦୦୬ ମସିହା ପର ଠାରୁ ଚାଷୀଙ୍କୁ ଋଣ ଦେବା ବନ୍ଦ ହୋଇଗଲା ଓ କ୍ରମଶଃ କାର୍ଡ ବ୍ୟାଙ୍କ ଗୁଡିକ ଆଉ କାର୍ଯ୍ୟକ୍ଷମ ହେଲାନାହିଁ।ଶୀର୍ଷ ବ୍ୟାଙ୍କ ନିର୍ଦ୍ଦେଶ କ୍ରମେ ପରବର୍ତି ସମୟରେ ପ୍ରାଥମିକ ବ୍ୟାଙ୍କର ପ୍ରାୟ ୬ଶହ ଜଣ କର୍ମଚାରୀ ମାନଙ୍କୁ ସେଚ୍ଛାକୃତ ଅବସର ଦିଆଗଲା ଓ ଭବିଷ୍ୟତରେ ଆଉ ସେଚ୍ଛାକୃତ ଅବସର ନଦେଇ ବ୍ୟାଙ୍କ ଗୁଡିକୁ ପୁନଃ କାର୍ଯ୍ୟକ୍ଷମ କରାଯିବ ଏବଂ ଯେଉଁ କର୍ମଚାରୀ ମାନେ ସେଚ୍ଛାକୃତ ଅବସର ନେଇଛନ୍ତି, ସେମାନଙ୍କ ସମୁଦାୟ ବକେୟା ପ୍ରାପ୍ୟ ପ୍ରଦାନ କରାଯିବ ନେଇ ପ୍ରସ୍ତାବ ଗ୍ରହଣ କରାଯାଇଥିଲେ ସୁଦ୍ଧା ଏଯାବତ କୌଣସି ପ୍ରାପ୍ୟ ଦିଆଯାଇନାହିଁ। ବର୍ତ୍ତମାନ ସୁଦ୍ଧା ୬ଶହ ଜଣଙ୍କ ପରିବାର ଭୋକ ଉପାସରେ କାଳତିପାତ କରୁଛନ୍ତି, ସେଥିରୁ କିଛି କର୍ମଚାରୀଙ୍କ ମୃତ୍ୟୁ ମଧ୍ୟ ହୋଇସାରିଲାଣି।

କାର୍ଡ ବ୍ୟାଙ୍କର ସମସ୍ତ ଅବସରପ୍ରାପ୍ତ କର୍ମଚାରୀ ମାନଙ୍କର ସମସ୍ତ ବକେୟା ପ୍ରାପ୍ୟ ପ୍ରଦାନ ପାଇଁ ସଂଘ ପକ୍ଷରୁ ବିଶ୍ୱ ପ୍ରକାଶ ମିଶ୍ର, ରାଧାଚରଣ ହରିଚନ୍ଦନ, ଲକ୍ଷ୍ମୀଧର ପଟ୍ଟନାୟକ, ସୁକଦେବ ବରାଳ, ହରେନ୍ଦ୍ରନାଥ ପାଳ, ବିରାଟ କୁମାର ହରିଚନ୍ଦନ, ବଳରାମ କର, ରବି ନାରାୟଣ ସାହୁ, ବ୍ରଜମୋହନ ସାହୁ, ବିଜୟ କୁମାର ସାଇଁ, ମନୋରଞ୍ଜନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଛତ୍ରପଡା ଶ୍ରୀରାମଲୀଳାରେ 'ରାବଣ ବଧ' ସମ୍ପନ୍ନ

ନିରାକାରପୁର,୧୨।୫ (ସମିସ): ଖୋର୍ଦ୍ଧା ଜିଲ୍ଲା ଛତ୍ରପଡା ଗ୍ରାମରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହେଉଥିବା ବିଶ୍ୱପ୍ରସିଦ୍ଧ ଶ୍ରୀରାମଲୀଳା ଯାତ୍ରା ଏବେ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଗତ ୭ ଦିନ ଧରି ଚାଲିଥିବା ଏହି ପୌରାଣିକ ନାଟକରେ ସପ୍ତମ ରଜନୀରେ 'ରାବଣ ବଧ' ପ୍ରସଙ୍ଗ ଅତ୍ୟନ୍ତ ଭକ୍ତିପୂତ ପରିବେଶରେ ମଞ୍ଚସ୍ଥ ହୋଇଯାଇଛି। ଏଥିନିମନ୍ତେ ଛତ୍ରପଡା ଗ୍ରାମରେ ଏକ ଆଧ୍ୟାତ୍ମିକ ତଥା ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଛି। ପ୍ରଭୁଙ୍କ ରାଜାଭିଷେକ ଦର୍ଶନ କରିବା ପାଇଁ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ଉତ୍ସବର ଅନ୍ତିମ ପର୍ଯ୍ୟାୟ ପାଇଁ ରଘୁନାଥ କଳା ପରିଷଦ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି।

# ମଦ ସହ ସ୍କୁଟି ଜବତ, ଦୁଇ ଗିରଫ

ବାଲୁଗାଁ,୧୨।୫(ସମିସ) : ବାଲୁଗାଁ ଅବକାରୀ ଅଧିକାରୀ ଦାୟିତ୍ୱରେ ଥିବା ଟାଙ୍ଗୀ ରେଞ୍ଜ ଅବକାରୀ ଅଧିକାରୀ ଅଜିତ ପାତ୍ରଙ୍କ ନେତୃତ୍ୱରେ ମଙ୍ଗଳବାର ପୂର୍ବାହ୍ନରେ ବାଣପୁର ଥାନା ଅନ୍ତର୍ଗତ ଅନ୍ତରକିଆରୀ ରୋଡ଼ ନିକଟ ଶାଳିଆ କେନାଲ ରାସ୍ତାର ଚଢାଉ କରିଥିଲେ। ଚଢାଉ ସମୟରେ ସେହି ରାସ୍ତା ଦେଇ ଜଣେ ବ୍ୟକ୍ତି ଏକ ସ୍କୁଟିରେ ଦୃତ ଗତିରେ ଆସୁଥିବା ବେଳେ ତାକୁ ଅଟକାଇବାରେ ଅଭିଯୁକ୍ତ ଜଣକ ବାଇକ ଓ ମଦ ଛାଡି କୌଶଳ କ୍ରମେ ଘଟଣାସ୍ଥଳରୁ ଫେରାର ହୋଇଯିବାରେ ସକ୍ଷମ ହୋଇଥିଲେ। ଅବକାରୀ ଟିମ ସେଠାରୁ ୮୦ ଲିଟର ଦେଶୀ ମଦ ସମେତ ଚୋରା ମଦ ଚାଲାଣରେ ବ୍ୟବହୃତ ଏକ ସ୍କୁଟି ଜବତ କରିଥିଲେ। ପରେ ବାଲୁଗାଁ ଥାନା ବଡ଼କୁଳ ମେନରୋଡ଼ ଚିଲିକା ଢ଼ାବା ଅନତିଦୂରରେ ଚଢାଉ କରି ନୂଆଗଡ଼ ଗ୍ରାମର କଂଗ୍ରେସ ପଲାଇ (୫୮)କୁ ଗିରଫ କରି ତାଙ୍କ ନିକଟରୁ ୪.୬ ଲିଟର ଦେଶୀ ମଦ ଜବତ କରିଥିବା ବେଳେ ଉକ୍ତ ରାସ୍ତାର କିଛି ଦୂରରୁ ସେହି ନୂଆଗଡ଼ ଗ୍ରାମର ଦାସରଥି ସୁର (୪୧) ଙ୍କୁ ଗିରଫ କରି ତାଙ୍କ ଡିକଟରୁ ୪.୮୬ ଲିଟର ଦେଶୀ ମଦ ଜବତ କରିଛି ଅବକାରୀ ଟିମ୍। ଅବକାରୀ ବିଭାଗ ୩ଟି ସ୍ଥାନରୁ ସମୁଦାୟ ୮୯.୪୬ଲିଟର ଦେଶୀ ମଦ ଜବତ କରିଛି। ପୃଥକ ତିନୋଟି ମାମଲା ରୁଜୁ କରି ଗିରଫ ଅଭିଯୁକ୍ତ ଦ୍ୱୟକୁ କୋର୍ଟ ଚାଲାଣ କରାଯାଇଛି।

# ଶୀତଳ ଷଷ୍ଠୀ ମହୋତ୍ସବ ପାଳନ ପ୍ରସ୍ତୁତି ବୈଠକ

ବେଗୁନିଆ,୧୨।୫ (ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲା ଗ୍ରାମରେ ଦ୍ୱିତୀୟ ବାର୍ଷିକ ଶୀତଳ ଷଷ୍ଠୀ ମହୋତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଆବାହକ ଗ୍ରାମ୍ୟ କମିଟିର ସଭାପତି ମହମ୍ମଦ ମୋହି ଉଦ୍ଦିନ ଅହମ୍ମଦଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ସରପଞ୍ଚ ତଥା ମହୋତ୍ସବ କମିଟିର ସଭାପତି ସତ୍ୟ ନାରାୟଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ଲଡୁ କିଶୋର ପଟ୍ଟନାୟକ ଓ କୋଷାଧ୍ୟକ୍ଷ ଅବଦୁଲ ଦୟାନ୍ ଖାଁଙ୍କ ସମେତ ସଦସ୍ୟ ମାନେ ଉପସ୍ଥିତ ରହି ମହୋତ୍ସବକୁ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହ ବିଭିନ୍ନ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯିବ ବୋଲି ମତ ପ୍ରକାଶ କରିଥିଲେ। ଏହା ଆସନ୍ତା ଜୁନ ମାସ ୪ରୁ ଆରମ୍ଭ ହୋଇ ୭ ତାରିଖରେ ଉଦଯାପିତ ହେବ ବୋଲି କମିଟି ସ୍ଥିର କରିଛି।

# ଶିକ୍ଷାବିତ୍ ଗୋଦାବରୀଶ ଗୁମାନସିଂହଙ୍କ ପରଲୋକ

ନିରାକାରପୁର,୧୨।୫ (ସମିସ): ଖୋର୍ଦ୍ଧା ଜିଲ୍ଲା ନରଣଗଡ଼ ଅଞ୍ଚଳର ଜଣେ ଜଣାଶୁଣା ବ୍ୟକ୍ତିତ୍ୱ, ବିଶିଷ୍ଟ ଶିକ୍ଷାବିତ ଗୋଦାବରୀଶ ଗୁମାନସିଂହଙ୍କ ୭୩ ବର୍ଷ ବୟସରେ ପରଲୋକ ଘଟିଛି। ସେ ଜଣେ ଆଦର୍ଶ ଶିକ୍ଷକ ଭାବେ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ପୂର୍ବତନ ହାଇସ୍କୁଲ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରି ସେ ଅନେକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ନରଣଗଡ଼, ଧଉଳିମୁଁହ, ନିଜିଗଡ଼ ଏବଂ ତାପଙ୍ଗ ଅଞ୍ଚଳକୁ ନେଇ ଗଠିତ 'ଆଞ୍ଚଳିକ ଭିଟାମାଟି ସଂଗ୍ରାମ ସମିତି'ର ସଭାପତି ଭାବେ ଦାୟିତ୍ୱ ତୁଲାଉଥିଲେ। ସ୍ଥାନୀୟ ଲୋକଙ୍କ ସମସ୍ୟା ଏବଂ ଅଞ୍ଚଳର ସୁରକ୍ଷା ପାଇଁ ସେ ସର୍ବଦା ସ୍ୱର ଉତ୍ତୋଳନ କରି ଆସୁଥିଲେ। ସୂଚନାଯୋଗ୍ୟ ଯେ, ସେ ଖୋର୍ଦ୍ଧା ଜିଲ୍ଲା ପରିଷଦ ସଭାପତି ରୂପସୀ ରାଣୀ ଗୁମାନ ସିଂହଙ୍କ ଶଶୁର ଅଟନ୍ତି। ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସାନପୁଅ ଅନିଲ କୁମାର ଗୁମାନସିଂହ ମୁଖାଗ୍ନି ଦେଇଥିଲେ।

# ମା' କ୍ଷେତ୍ରେଶ୍ୱରୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ନିରାକାରପୁର,୧୨।୫ (ସମିସ): ଛତ୍ରପଡ଼ା ଗ୍ରାମରେ ଅଷ୍ଟମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ସୁଚାରୁରୂପେ ସମ୍ପନ୍ନ ହୋଇଯାଇଛି। ଗ୍ରାମର ଆରାଧ୍ୟ ଦେବୀ ମା' କ୍ଷେତ୍ରେଶ୍ୱରୀଙ୍କ ପବିତ୍ର ପୀଠରେ ଗତ ୯ ତାରିଖରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ୧୨ ତାରିଖ ସନ୍ଧ୍ୟାରେ ପୂର୍ଣ୍ଣାହୁତି ସହ ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଆୟୋଜିତ ଯଜ୍ଞରେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ବିଧାୟକ ପ୍ରାର୍ଥୀ ପ୍ରକାଶ ବିଜୁଳି, ବୋଡକମା ସମିତି ସଭ୍ୟ ଭରତ ଚରଣ ଛୋଟରାୟ ଏବଂ ସମାଜସେବୀ ମନୋଜ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଯଜ୍ଞର ମୁଖ୍ୟ ପୁରୋହିତ ଭାବେ ମିହିର କୁମାର ଦାଶ କାର୍ଯ୍ୟ ନିର୍ବାହ କରିଥିବା ବେଳେ, କର୍ତ୍ତା ଭାବେ ଅର୍ଜୁନ ସାମନ୍ତରାୟ ଓ ତାଙ୍କ ଧର୍ମପତ୍ନୀ ମମତା ସାମନ୍ତରାୟ ଯଜ୍ଞ କାର୍ଯ୍ୟକୁ ପରିଚାଳନା କରିଥିଲେ।

# ରଘୁନାଥ ଦେବଙ୍କ ମନ୍ଦିର ପ୍ରତିଷ୍ଠା

ବେଗୁନିଆ,୧୨।୫ (ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ପଙ୍ଗାରସିଂହ ଗ୍ରାମରେ ରଘୁନାଥ ଦେବଙ୍କ ମନ୍ଦିର ପ୍ରତିଷ୍ଠା ସହ ବିଶ୍ୱଶାନ୍ତି ମହାଯଜ୍ଞ ଉଦଯାପିତ ହୋଇଛି। ଏଥିରେ ଯଜ୍ଞାଚାର୍ଯ୍ୟ ପଣ୍ଡିତ ସନ୍ତୋଷ କୁମାର ନନ୍ଦଙ୍କ ତତ୍ତ୍ୱାବଧାନରେ ପ୍ରଚାରକ ପଣ୍ଡିତ ସର୍ବେଶ୍ୱର ନନ୍ଦ, ଅଭିଷେକ ପଣ୍ଡିତ ଭଗବାନ ନନ୍ଦ ଓ ଉପପ୍ରଚାରକ ପଣ୍ଡିତ ମାଗୁଣୀ ଚରଣ ମିଶ୍ରଙ୍କ ସହଯୋଗରେ ବୈଦିକ ରୀତି ନୀତି ଅନୁଯାଇ ଅଙ୍କୁରାରୋପଣ, ଶୁଭାଧିବାସ, ମଣ୍ଡଳକରଣ, ଧାନ୍ୟଗାର, କଳସଯାତ୍ରା କରାଯାଇ ଯଜ୍ଞ ସ୍ଥଳରେ ଦେବ ବିଗ୍ରହ ସ୍ଥାପନ କରାଯାଇଥିଲା। ଅନ୍ତିମ ଦିବସରେ ଭକ୍ତି ଭାବମୟ ପରିବେଶ ମଧ୍ୟରେ ପୂର୍ଣ୍ଣାହୁତି ସମାପନ ହୋଇଥିବା ବେଳେ ବିଧାୟକ ପ୍ରଦୀପ କୁମାର ସାହୁ ଯୋଗ ଦେଇ ଯଜ୍ଞ ନାରାୟଣଙ୍କ ଆଶୀର୍ବାଦ ପ୍ରାର୍ଥନା କରିଥିଲେ। ପ୍ରତ୍ୟହ ସନ୍ଧ୍ୟାରେ ଓଡିଶୀ ସଙ୍କୀର୍ତ୍ତନ ଗାୟକ ପ୍ରଶାନ୍ତ କୁମାର ଦାସ ଓ ଦଳ, ମା ଜାଗେଶ୍ୱରୀ,ମା ବନଦୁର୍ଗା ଓ ଦଧି ବାମନ ଦେବ ନାମ ସଙ୍କୀର୍ତ୍ତନ, ପାଲା ଗାୟିକା କୋକିଳ କଣ୍ଠୀ ସୁକାନ୍ତି ସାହୁ ଓ ସାଥି ଏବଂ ରାମ ନାଟକ ପରିବେଷଣ ହୋଇ ଗ୍ରାମ ଉତ୍ସବ ମୁଖର ହୋଇପଡ଼ିଥିଲା।

# ବସ୍‌ଷ୍ଟପ୍ ଅଛି, ବସ୍ ଚଳାଚଳ କରୁନି

## ଗୋଳବାଇବାସୀଙ୍କ ପାଇଁ ପ୍ରହସନ ସାଜିଛି ସରକାରୀ ଯୋଜନା



ନିରାକାରପୁର, ୧୨।୫ (ସମିସ) : ଖୋର୍ଦ୍ଧା ଜିଲ୍ଲାର ଅନ୍ୟତମ ପ୍ରମୁଖ ଅଞ୍ଚଳ ଗୋଳବାଇ ଶାସନ ଗ୍ରାମପଞ୍ଚାୟତରେ ଗମନାଗମନ ଓ ଭିତ୍ତିଭୂମିର ବିକାଶ ପାଇଁ ହୋଇଥିବା ସରକାରୀ ଯୋଜନା ଏବେ ଲୋକଙ୍କ ପାଇଁ ପ୍ରହସନ ସାଜିଛି। ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ପାଇଁ ଗୋଳବାଇବାସୀଙ୍କ ପକ୍ଷରୁ ସ୍ଥାନୀୟ ବିଧାୟକଙ୍କ ଜରିଆରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଗୋଳବାଇ ଅଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପୂର୍ବ ସରକାରଙ୍କ ସମୟରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଏକ ଭବ୍ୟ ବସଷ୍ଟପ୍ ନିର୍ମାଣ କରାଯାଇଥିଲା। ମାତ୍ର ବାସ୍ତବ କ୍ଷେତ୍ରରେ ଏଠାରୁ ଏପର୍ଯ୍ୟନ୍ତ 'ମୁଖ୍ୟମନ୍ତ୍ରୀ ବସ ସେବା' କିମ୍ବା କୌଣସି ଘରୋଇ ବସ ଚଳାଚଳ କରୁନାହିଁ। ଦୀର୍ଘ ଦିନ ଧରି ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିବା ଏହି ବସଷ୍ଟପ୍ ଏବେ ଗୋରୁଗାଈଙ୍କ ଆଶ୍ରୟସ୍ଥଳୀ ପାଲଟିଥିବା ବେଳେ ସନ୍ଧ୍ୟା ହେଲେ ଅସାମାଜିକ ବ୍ୟକ୍ତିଙ୍କ ଆ[illegible]ସ୍ଥଳୀରେ ପରିଣତ ହେଉଛି। ଫଳରେ ସାଧାରଣ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେବଳ ବସ ସେବା ନୁହେଁ, ବରଂ ଅନ୍ୟ ଦୁଇଟି ପ୍ରମୁଖ ସମସ୍ୟା ପ୍ରତି ମଧ୍ୟ ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଗୋଳବାଇ ହାଇସ୍କୁଲର ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ବହୁମୂଲ୍ୟ ଜମିକୁ ସୁରକ୍ଷିତ ରଖିବା ପାଇଁ ଏକ ଦୀର୍ଘ ପାଚେରୀ ନିର୍ମାଣ କରିବାକୁ ଅଞ୍ଚଳବାସୀ ନିବେଦନ କରିଛନ୍ତି। ସେହିପରି ଗୋଡ଼ିପଡ଼ାଠାରେ ଥିବା ଟୋଲ ଗେଟ୍ ଦେଇ ଗୋଳବାଇ ପଞ୍ଚାୟତବାସୀଙ୍କ ଯାତାୟାତ କରୁଥିବା ବିଭିନ୍ନ ବ୍ୟକ୍ତିଗତ ଯାନଗୁଡ଼ିକୁ ସମ୍ପୂର୍ଣ୍ଣ ଦେୟମୁକ୍ତ କରିବାକୁ ଦାବି ହୋଇଛି। ନୂତନ ଜନକଲ୍ୟାଣକାରୀ ସରକାର ଗଠନ ହୋଇଥିବାରୁ, ଏହି ଦୀର୍ଘବର୍ଷର ସମସ୍ୟାଗୁଡ଼ିକର ସ୍ଥାୟୀ ସମାଧାନ ହେବ ବୋଲି ଗ୍ରାମବାସୀ ଆଶା ପ୍ରକଟ କରିଛନ୍ତି। ସାଂସଦ ଏହି ସମ୍ବେଦନଶୀଳ ପ୍ରସଙ୍ଗ ପ୍ରତି ଗଭୀର ଦୃଷ୍ଟି ନିକ୍ଷେପ କରିବାକୁ ପଞ୍ଚାୟତବାସୀ ଅନୁରୋଧ କରିଛନ୍ତି। ଏହି ଅବସରରେ ଗୋଳବାଇ ପଞ୍ଚାୟତର ରଶ୍ମିକାନ୍ତ କଳସ, ରମାକାନ୍ତ ଜେନା, ନିରଞ୍ଜନ ସ୍ୱାଇଁ, ଚନ୍ଦ୍ରକାନ୍ତ କହଳସିଂ, ସନ୍ତୋଷ କୁମାର ମଙ୍ଗରାଜ,ପ୍ରଫୁଲ୍ଲ କୁମାର ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ରୋଟାରୀ ଗଭର୍ଣ୍ଣରଙ୍କ ଚିଲିକା-ବାଲୁଗାଁ ରୋଟାରୀ କ୍ଲବ ପରିଦର୍ଶନ

ବାଲୁଗାଁ,୧୨।୫(ସମିସ) : ରୋଟାରୀ ଗଭର୍ଣ୍ଣର ତଥା ପ୍ରାନ୍ତପାଳ ରୋଟାରିଆନ ମନୋଜ କୁମାର ତ୍ରିପାଠୀ ଚିଲିକା-ବାଲୁଗାଁ ରୋଟାରୀ କ୍ଲବକୁ ଆନୁଷ୍ଠାନିକ ପରିଦର୍ଶନ କରିଛନ୍ତି। କ୍ଲବ ସଭାପତି ରୋଟାରୀଆନ ଗଜେନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ବାଲୁଗାଁ ଦିଗନ୍ତିକା ହୋଟେଲ ପରିସରରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ଗଭର୍ଣ୍ଣର ତ୍ରିପାଠୀ ଓ ରୋଟାରୀ ଜିଲ୍ଲାର ପ୍ରଥମ ମହିଳା ମଧୁସ୍ମିତା ତ୍ରିପାଠୀଙ୍କ ସହିତ ସହ-ପ୍ରାନ୍ତପାଳ ନନ୍ଦକିଶୋର ମିଶ୍ର ଯୋଗଦେଇ ପ୍ରଭୁ ଶ୍ରୀଜଗନ୍ନାଥ ଓ ରୋଟାରୀ ସଂସ୍ଥାପକ ପଲ ହରିଶଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଜାତୀୟ ସଂଗୀତ ଗାନ କରାଯାଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରା ଯାଇଥିଲା। କ୍ଲବ ସଭାପତି ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ରୋଟାରୀଆନ ଯଦୁମଣି ତରାଇ ଚଳିତ ବର୍ଷର କ୍ଲବର ବିଭିନ୍ନ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିବା ସହ ଅନ୍ତର୍ଜାତୀୟ ରୋଟାରୀ କ୍ଲବରେ ନିଜର ଅଭିଜ୍ଞତା ବଖାଣି ଥିଲେ। ଖୋର୍ଦ୍ଧା ଓ ଜଟଣୀ ରୋଟାରୀ କ୍ଲବର ଆସିଷ୍ଟାଣ୍ଟ ଗଭର୍ଣ୍ଣର ଡକ୍ଟର କୈଳାସ ଚନ୍ଦ୍ର ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ରୋଟାରୀଆନ ଜାନକୀ ବଲ୍ଲଭ ପଟ୍ଟନାୟକ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାର ବାଣପୁର ବ୍ଲକ ଟପର ସୁଶ୍ରୀ ରୁପା ସେଣ ଓ ଚିଲିକା ବ୍ଲକ ଟପର ଶୁଭଲକ୍ଷ୍ମୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଆଗାମୀ ରୋଟାରୀ ବର୍ଷର ସଭାପତି ଯଦୁମଣି ତରାଇ ଓ ଦ୍ୱାରିକାନାଥ ନନ୍ଦ,




ସମ୍ପାଦକ ପିୟୁଷ ହରିଚନ୍ଦନ ଓ ସୁରେଶ ମହାପାତ୍ର ଓ କ୍ଲବର ପ୍ରଥମ ମହିଳା ପ୍ରତିମା ସେଠିଙ୍କ ସମେତ ପଲ ହରିଶ ଫାଉଣ୍ଡେସନ ପାଇଁ ମନୋନୀତ ହୋଇଥିବା ରୋଟାରୀଆନମାନଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। କ୍ଲବର ପ୍ରାକ୍ତନ ସଭାପତି ସତ୍ୟନ୍ଦ୍ର ସ୍ୱାଇଁ, ନମିତା ଝା, ସତ୍ୟନାରାୟଣ ମହାପାତ୍ର, ସବିତା ପାତ୍ର, ଶ୍ରୀକାନ୍ତ ପାଇକରାୟ ଓ ପଞ୍ଚାନନ ଜେନା ପ୍ରମୁଖ ରୋଟାରୀଆନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶେଷରେ ରୋଟାରୀଆନ ଡକ୍ଟର ସୁରେନ୍ଦ୍ରନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

